ଶୁଭ ଅଭିନନ୍ଦନ
ନିର୍ଭୀକ, ସତ୍ୟନିଷ୍ଠ ଓ ନିରପେକ୍ଷ ଖବର ପରିବେଷଣ ପାଇଁ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଧରିତ୍ରୀ ୪୬ତମ ଜନ୍ମବାର୍ଷିକ ଅବସରରେ ଶ୍ରୀକୃଷ୍ଣଶରଣପୁର ପଞ୍ଚାୟତ ଅଧିବାସୀଙ୍କୁ ଶୁଭେଚ୍ଛା ଓ ଗୁରୁଜନଙ୍କୁ ପ୍ରଣାମ।

**ଦିଲ୍ଲୀପ କୁମାର ପାହାନ**
ଶ୍ରୀରାମ ହାର୍ଡୱେର ଷ୍ଟୋର, କେଶପୁର ଛକ

ଧରିତ୍ରୀର ୪୬ତମ ଜନ୍ମଦିବସ ଅବସରରେ ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ଦୀର୍ଘଜୀବନ କାମନା କରୁଛି। କୋଣ ଅନୁକୋଣରୁ ଟିକିନିଖି ଖବର ଛାପିବାରେ ପ୍ରଥମ ଖବରକାଗଜ ହୋଇଥିବାରୁ ସମସ୍ତ କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଜଣାଉଛି।

**ଭକ୍ତିରଞ୍ଜନ ପଲେଇ**
ଅଧ୍ୟାପକ
ତଥା ସାମାଜିକ କର୍ମୀ

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ଯାଜପୁରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ।

**ସଞ୍ଜୟ କୁମାର ଖୁଣ୍ଟିଆ**
ଖଡ଼ଗପୁର, ବଡ଼ଚଣା, ଯାଜପୁର

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକର ସମସ୍ତ ମା' ଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଉଛି। ଧରିତ୍ରୀର ଉତ୍ତରୋତ୍ତର କାମନା କରୁଛି।

**ସବିତା ଅଗସ୍ତି**
ବିଜୁ ମହିଳା ଜନତା ଦଳର ଜିଲ୍ଲା ସମ୍ପାଦିକା

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ପରିବାରର ସମସ୍ତ କର୍ମକର୍ତ୍ତା ଓ ପାଠିକା/ପାଠକମାନେ ସୁସ୍ଥ ରହନ୍ତୁ, ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି କାମନା ।

ଡାକ୍ତର ନିହାର ରଞ୍ଜନ କର
ଶ୍ରୀମତୀ ଲୋପାମୁଦ୍ରା ନନ୍ଦ
ପୁଅ ଶ୍ରୀ ଦେବାଂଶ କର

*DHARITRI is the most popular Oriya Daily in Odisha*
*Get fast tag Compulsory from 1st December 2019*

**Harikrishna Sarma**
M.D, Gurapali Toll Plaza

ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଉପଲକ୍ଷେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଶୁଭକାମନା ଓ ଶୁଭେଚ୍ଛା ।

**ଶିଶିର ପରିଡ଼ା**
ପୂର୍ବତନ ସଭାପତି
ଖୋର୍ଦ୍ଧା ଜିଲ୍ଲା ଓକିଲ ସଂଘ

ଅନୁଗୋଳ ଜିଲ୍ଲା ବନ୍ତଳା ଅଞ୍ଚଳ ଗଡ଼ତରାସ ପଞ୍ଚାୟତର ସରପଞ୍ଚ ଆପଣମାନଙ୍କୁ ତଥା ପଞ୍ଚାୟତ ଅଧିବାସୀଙ୍କୁ ୨୦୨୦ ନୂତନ ବର୍ଷକୁ ଶୁଭ କାମନା ଜଣାଉଛି ।

**ମହେଶ ସାହୁ**
ଢେଙ୍କାନାଳ ଏମ୍.ପି.

**ପୁଷ୍ପାଞ୍ଜଳି ମାଝୀ**
ସରପଞ୍ଚ, ଗଡ଼ତରାସ

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉପଲକ୍ଷେ ବାହାନଗା ବ୍ଲକ ଓ ସୋର ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଉଛି। ଧରିତ୍ରୀର ଉତ୍ତରୋତ୍ତର କାମନା କରୁଛି।

**ଅଣାକର ଜେନା**
ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ

ଧରିତ୍ରୀର ୪୬ ତମ ଜନ୍ମବାର୍ଷିକ ଉପଲକ୍ଷେ ସମସ୍ତ ପାଠକ ପାଠିକା ମାନଙ୍କୁ ଶୁଭେଚ୍ଛା

**ଶ୍ରୀଯୁକ୍ତ କୈଳାସ ଚନ୍ଦ୍ର ପରିଡ଼ା**
ଜିଲ୍ଲାପରିଷଦ ସଭ୍ୟ, ବ୍ରହ୍ମଗିରି ୨୮ ନଂ ଯୋନ

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉପଲକ୍ଷେ ବଡ଼ଚଣାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ।

**ଅଜୟ କୁମାର ସାମଲ**
ବଡ଼ଚଣା କଂଗ୍ରେସ ନେତା

ଧରିତ୍ରୀର ୪୬ତମ ଜନ୍ମଦିନ ପାଇଁ ଆନ୍ତରିକ ଶୁଭେଚ୍ଛା ଏବଂ ଉତ୍ତରୋତ୍ତର ଉନ୍ନତି କାମନା କରୁଛି। ଧରିତ୍ରୀକୁ ଓଡ଼ିଶାରେ ୧ ନମ୍ବର ସ୍ଥାନରେ ରଖିଥିବା ଯୋଗ୍ୟ ସମ୍ପାଦକ, କର୍ମଚାରୀ, ବିତରକ ଏବଂ ସାମ୍ବାଦିକମାନଙ୍କୁ ଧନ୍ୟବାଦ ଜଣାଉଛି।

**ପ୍ରବୀଣା ଦାସ**
ପ୍ରଧାନ ଶିକ୍ଷୟିତ୍ରୀ,
ମାଲୁଦ ସରକାରୀ ପ୍ରାଥମିକ ବିଦ୍ୟାଳୟ

**RADHA RANI TRADERS AND RADHA RANI HEALTH CARE**
Wishes Happy Prosperous 46th Years Birth Anniversary Of "Dharitri"
**PRASANTA KUMAR BEHERA**
BAHANAGA


See Career Appointment on every Wednesday & Saturday


ଧରିତ୍ରୀର ୪୬ ତମ ଜନ୍ମବାର୍ଷିକ ଉପଲକ୍ଷେ ସମସ୍ତ ଗୋପାଳକ ମାନଙ୍କୁ ଶୁଭେଚ୍ଛା

**ଶ୍ରୀଯୁକ୍ତ ପ୍ରିତିତୋଷ ମହାପାତ୍ର**
ବ୍ରହ୍ମଗିରି ବ୍ଲକ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ

**ସାଇ ଶାନ୍ତି ଚକ୍ଷୁ ଚିକିତ୍ସାଳୟ**
(ଆନ୍ ୟୁନିଟ୍ ଅଫ୍ ସାଇ ଭିଜନ୍ ଚାରିଟେବୁଲ ଟ୍ରଷ୍ଟ)
ସରସ୍ୱତୀ ଶିଶୁମନ୍ଦିର ପାଖ, ବାଲିଚନ୍ଦ୍ରପୁର, ଯାଜପୁର
ମୋ: ୭୩୨୫୯୨୭୮୩୦

ଧରିତ୍ରୀର ୪୬ ତମ ଜନ୍ମବାର୍ଷିକ ଉପଲକ୍ଷେ ସମସ୍ତ ପାଠକପାଠିକା ମାନଙ୍କୁ ଶୁଭେଚ୍ଛା

**ଶ୍ରୀଯୁକ୍ତ ମନମୋହନ ସାହୁ**
ସରପଞ୍ଚ, କୁଶୁବେଣ୍ଟି ଗ୍ରାମ ପଞ୍ଚାୟତ
ବ୍ରହ୍ମଗିରି ବ୍ଲକ, ପୁରୀ

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ।

**ସନ୍ତୋଷ କୁମାର ବେହେରା**
ଅଧ୍ୟକ୍ଷ, ସାହସପୁର ମହାବିଦ୍ୟାଳୟ


Your classified advertisement published in Dharitri will be listed free in Dharitri online edition :
**dharitriepaper.in**


Success ଧରିତ୍ରୀ ର ୪୬ ତମ ସ୍ୱନକ୍ଷେତ୍ର ଦିବସ Success

**SHAKUNTALA TUTORIAL**
ସରକାରୀ ପଞ୍ଜିକରଣ ନମ୍ବର IN-OD007429715194 93R
*The only way to Success*
RESIDENTIAL TUTORIAL FOR +2 SCIENCE
100% RESULT IN +2 SCIENCE EXAM 2019

Salient Features :
- Teaching By:- Experienced Lecturers
- Separate Hostel for Both Boys & Girls
- A complete Study Atmosphere
- Weekly, Monthly, & V.S.T Test
- Monthly Guardian Meeting
- Personal Development Attitude Training
- A/C Class Rooms
- Digital Lab
- Indivisual Doubt Clearing Classes
- Results Through SMS.
- Audio Visual Class Room

Coaching For
PHYSICS, CHEMISTRY MATH., BIOLOGY ENGLISH, SANSKRIT & ODIA

Our Best Achievers
and More Successors...

GOVT.Regd No- (OD007429715194 93R)
IN FRONT OF GOPALPUR COLLEGE, GOPALPUR, BALASORE, MOB: 9178743324 / 8984960850 / 6370890699

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉପଲକ୍ଷେ ଶୁଭେଚ୍ଛା ।

**ସୁପ୍ରା ଦାସ**
ସମାଜସେବୀ
ବାଲିଚନ୍ଦ୍ରପୁର
ଯାଜପୁର

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଉପଲକ୍ଷେ ଭାରତୀୟ ଜନତା ପାର୍ଟି ଅନୁଗୋଳ ବ୍ଲକ୍‌ର ସମସ୍ତ ଭାଇଭଉଣୀ, ମା, ମାଉସୀ ଓ ଯୁବଗୋଷ୍ଠୀଙ୍କୁ ଶୁଭେଚ୍ଛା ଜଣାଉଛୁ ।

**ପ୍ରଭାତ କୁମାର ପ୍ରଧାନ**
ମଣ୍ଡଳ ସଭାପତି
ଜୋନ୍ ନଂ.–୨

**ପ୍ରତାପ ପ୍ରଧାନ**
ରାଜ୍ୟ କାର୍ଯ୍ୟକାରିଣୀ
ସଦସ୍ୟ

**ଅମୂଲ୍ୟ ପ୍ରଧାନ**
ମଣ୍ଡଳ ସଭାପତି
ଜୋନ୍ ନଂ.–୪

**ଲୋଚନ ସାହୁ**
ମଣ୍ଡଳ ସଭାପତି
ଜୋନ୍ ନଂ.–୩

**ଦିବ୍ୟାଶ୍ରୀ କୃଷି ଯନ୍ତ୍ରପାତି**
ଅନୁଗୁଳ ବସ ଷ୍ଟାଣ୍ଡ, ଶାନ୍ତି ହୋଟେଲ ପାଖ, ଅନୁଗୁଳ....MO:-8446594524
ସରକାରୀ ରିହାତି ସହିତ ଏଠାରେ ସମସ୍ତ ପ୍ରକାର କୃଷି ଯନ୍ତ୍ରପାତି ସୁଲଭ ମୂଲ୍ୟରେ ମିଳେ
**AUTHORISED DEALER OF KIRLOSKAR**

ଧରିତ୍ରୀ
DHARITRI
ସୋମବାର, ୯ ଡିସେମ୍ବର, ୨୦୧୯



## ସଂକ୍ଷେପରେ

### ଗୀତା ଜୟନ୍ତୀ ଉତ୍ସବ

ବ୍ରହ୍ମପୁର ଅଫିସ୍,୮।୧୨: ଗିରିରୋଡ୍‌ସ୍ଥିତ ଗୀତା ଭବନରେ ରବିବାର ଗୀତା ଜୟନ୍ତୀ ଉତ୍ସବ ପାଳନ କରାଯାଇଛି। ପ୍ରାତଃରେ ପୂଜା ସହ ଶ୍ରୀମଦ୍‌ଭଗବଦ୍ ଗୀତାର ସମୂହ ଶ୍ଳୋକ ପାରାୟଣ ଓ ଯଜ୍ଞ ହୋଇଥିଲା। ମଧ୍ୟାହ୍ନରେ କନିଷିସ୍ଥିତ ନବଜୀବନ ସେବା ଆଶ୍ରମରେ ବେଦ ବିଦ୍ୟାଳୟର ଛାତ୍ର ଏବଂ ଆଶ୍ରମର ଅନ୍ୟ ସମସ୍ତ ବାଳିକା ବାଳକଙ୍କୁ ନିମନ୍ତ୍ରଣ କରାଯାଇ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ରବିବାରଠାରୁ ୮ ଦିନ ବ୍ୟାପୀ ସନ୍ଧ୍ୟାରେ ସତ୍‌ସଙ୍ଗ୍ କାର୍ଯ୍ୟକ୍ରମରେ ଭୁବନେଶ୍ୱରର ସ୍ୱାମୀ ଜଗଦୀଶାନନ୍ଦଜୀ ମହାରାଜ, ରାମକୃଷ୍ଣ ଦାସ ଜୀ ମହାରାଜ ଏବଂ ବିଶିଷ୍ଟ ପ୍ରବକ୍ତା କୃଷ୍ଣ କେଶବ ଷଡ଼ଙ୍ଗୀ ଯୋଗଦେଇ ଶ୍ରୀମଦ୍ ଭଗବତ ଗୀତା ଓ ଶ୍ରୀଜଗନ୍ନାଥଙ୍କ ବିଷୟରେ ଆଲୋଚନା କରିବେ। ବହୁ ସଂଖ୍ୟାରେ ଭକ୍ତ ଏଥିରେ ସାମିଲ୍ ହେବାକୁ ଗୀତା ଭବନର ସମ୍ପାଦକ ସୀମାଞ୍ଚଳ ତ୍ରିପାଠୀ ନିବେଦନ କରିଛନ୍ତି।

### ୨୦୦ ବର୍ଷ ପାଇଁ 'ଅନନ୍ତ କ୍ୟାଲେଣ୍ଡର' ପ୍ରସ୍ତୁତ କରିଛନ୍ତି ହରେକୃଷ୍ଣ

ଗୋଷାଣି,୮।୧୨: ଗଜପତି ଜିଲା ଗୋଷାଣୀ ବ୍ଲକ୍ ଅଧୀନ ମହାଦେବପୁର ଗ୍ରାମର ହରେକୃଷ୍ଣ ଜେନା ୨୦୦ବର୍ଷ ପାଇଁ ଅନନ୍ତ କ୍ୟାଲେଣ୍ଡର ପ୍ରସ୍ତୁତ କରିଛନ୍ତି। ଜୀବନରେ ବହୁ ଘାତ ପ୍ରତିଘାତ ଭିତରେ ଥାଇ ସେ ଏହାକୁ ପ୍ରସ୍ତୁତ କରିଥିବାବେଳେ ଏହା ସମସ୍ତଙ୍କ ପାଇଁ ଉପାଦେୟ ହେବ ବୋଲି ସେ ଆଶା ରଖିଛନ୍ତି।

ଶିକ୍ଷକତାକୁ ପେସା କରିଥିଲେ ମଧ ସେ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ। ୧୯୭୨ରେ ସେ ଗୁରାଣ୍ଡି ହାଇସ୍କୁଲରୁ କୃତିତ୍ୱର ସହ ମାଟ୍ରିକ୍ ପାସ୍ କରିଥିଲେ। ଏହାପରେ ରାୟଗଡ଼ା ଜିଲା ଗୁଣପୁରସ୍ଥିତ ଗୁରୁ ତାଲିମ କେନ୍ଦ୍ରରୁ ସିଟି ପାସ୍ କରିବା ପରେ ୧୯୭୫ ରେ ଶିକ୍ଷକତା ଆରମ୍ଭ କରିଥିଲେ। ୨୦୧୨ ରେ ସେ ଅବସର ନେଇଥିଲେ। ଚାକିରି ଆରମ୍ଭରୁ ହିଁ ବିଭିନ୍ନ ପତ୍ରପତ୍ରିକାରେ ତାଙ୍କର ବହୁ ଉପାଦେୟ ଲେଖାମାନ ପ୍ରକାଶ ପାଇଆସୁଛି। ଗଣିତ ଏବଂ ଇଂଲିଶ୍ ତାଙ୍କର ପସନ୍ଦର ବିଷୟ ହୋଇଥିବାବେଳେ ସେ ସେହି ବିଷୟରେ ଶିକ୍ଷାଦାନ କରୁଥିଲେ। ଏହା ବ୍ୟତୀତ ସେ ବିନା ଗୁରୁଙ୍କ ପାଥେୟରେ ଢୋଲକ ବାଦ୍ୟରେ ମଧ ପାରଦର୍ଶିତା ଲାଭ କରିଛନ୍ତି। ନିଜେ ଗୀତ ଗାଇବା ସହ ବାଦ୍ୟ ଯନ୍ତ୍ର ବଜାଇବାର ସ୍ୱତନ୍ତ୍ର କଳା ମଧ ତାଙ୍କ ନିକଟରେ ରହିଛି। ଗଣିତ ଶାସ୍ତ୍ରରେ ମଧ ନୂଆ ନୂଆ ସୂତ୍ର ବାହାର କରିଛନ୍ତି। ଏହା ବିଭିନ୍ନ ପତ୍ର ପତ୍ରିକାରେ ମଧ ପ୍ରକାଶ ପାଇଛି। ଇତିମଧରେ ଓଡ଼ିଶା ଗଣିତ ସଂସଦ ଭୁବନେଶ୍ୱରରୁ ପ୍ରକାଶିତ ଅଭିନବ ଗଣିତ ବିଚିତ୍ରାର ସେପ୍ଟେମ୍ବର-୨୦୧୯ ସଂଖ୍ୟାରେ ତାଙ୍କର ଏକ ଉପାଦେୟ ଲେଖା ପ୍ରକାଶ ପାଇଛି।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଅନିଶ୍ଚିତତାରେ ସିଟି ବସ୍‌ଷ୍ଟାଣ୍ଡ ପୁନଃ ନିର୍ମାଣ

ବ୍ରହ୍ମପୁର ଅଫିସ,୮।୧୨

ବ୍ରହ୍ମପୁର ସିଟି ବସଷ୍ଟାଣ୍ଡର ମରାମତି ତଥା ପୁନଃନିର୍ମାଣ କାର୍ଯ୍ୟକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଗତ ୨୬ ତାରିଖରେ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ବସଷ୍ଟାଣ୍ଡ ପରିସରର ବିଭିନ୍ନ ରାସ୍ତା ମରାମତି ପାଇଁ ଜେସିବି ଦ୍ୱାରା ଖୋଳାଯାଇଛି। ମାତ୍ର ଏହାର ଦୁଇ ସପ୍ତାହ ପରେ ବି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଅନ୍ୟପକ୍ଷରେ ବସଷ୍ଟାଣ୍ଡ ପରିସର ମୁଖ୍ୟରାସ୍ତାରେ ଅଯଥାରେ ଖୋଳାଯାଇଥିବା ଗର୍ତ୍ତ ପୂରଣ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ପ୍ରସ୍ଥାନ ପଥରେ ଥିବା କାଓକାଚରକୁ ତରବରିଆ ଭାବେ ବିଡିଏ ଖୋଳି ଦେଇଥିବାରୁ ସେଠାରେ ଯାତ୍ରୀମାନେ ଜାଣି ନ ପାରି ପଡିଯାଇ ଆହତ ହେଉଛନ୍ତି। ଏହାସତ୍ତ୍ୱେ ବିଡିଏ ତଥା ପ୍ରଶାସନ ପକ୍ଷରୁ ମରାମତି କାର୍ଯ୍ୟ ଆରମ୍ଭ କରା ନଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଯାତ୍ରୀମାନେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି।

ନୂଆ ବସଷ୍ଟାଣ୍ଡ ତଥା ସିଟି ବସଷ୍ଟାଣ୍ଡ ପୁନଃନିର୍ମାଣ ନିମନ୍ତେ ବସଷ୍ଟାଣ୍ଡ ଦୁଇ ମାସ ପାଇଁ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ବିଡିଏ ପକ୍ଷରୁ ଗତ ନଭେମ୍ବର ୨୬ ତାରିଖରେ ନୋଟିସ ଜାରି କରାଯାଇଥିଲା। ହଳଦିଆପଦରରୁ ସମସ୍ତ ଘରୋଇ ବସ୍ ଚଳାଚଳ କରିବାକୁ ଉକ୍ତ ନୋଟିସରେ ଦର୍ଶାଯାଇଥିଲା। ଗଞ୍ଜାମ ଜିଲା ଘରୋଇ ବସ ମାଲିକ ସଂଘ ପକ୍ଷରୁ ଏହାକୁ ତୀବ୍ର ବିରୋଧ କରାଯିବା ଓ ବନ୍ଦ ଡାକରା ଦିଆଯାଇଥିଲା। ଏହାପରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରଠାରେ ଏହି ସମସ୍ୟାର ସମାଧାନ ନିମନ୍ତେ ଗତ ୨୮ ତାରିଖରେ ଏକ ବୈଠକ ହୋଇଥିଲା। ବ୍ରହ୍ମପୁର ସିଟି ବସଷ୍ଟାଣ୍ଡକୁ ଅଧା ଅଞ୍ଚଳରୁ ବସ ଚଳାଚଳ କରିବା ସହ ଆଉ ଅଧା ଅଞ୍ଚଳରେ ବିଡିଏ ପକ୍ଷରୁ ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ତେବେ ଦୁଇ ସପ୍ତାହ ପରେ ବି ବିଡିଏ ପକ୍ଷରୁ ମରାମତି କାର୍ଯ୍ୟ ଆରମ୍ଭ କରାଯାଇ ନ ଥିବା ବସ ମାଲିକ ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ବୈଠକରେ ନିଷ୍ପତ୍ତି ପ୍ରକାରେ ବସ ମାଲିକ ସଂଘ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯାଉଛି। ବସଷ୍ଟାଣ୍ଡରେ ପ୍ରତ୍ୟେକ ବସ ମାତ୍ର ଅଧଘଣ୍ଟାଏ ପାଇଁ ରହି ଗନ୍ତବ୍ୟସ୍ଥଳକୁ ଯାଉଛି। ଏପରିକି ରାତ୍ରି ସମୟରେ ବସଷ୍ଟାଣ୍ଡ ପରିସରରେ କୌଣସି ଘରୋଇ ବସ ରହୁନାହିଁ। ଏହାସତ୍ତ୍ୱେ ବିଡିଏ ପକ୍ଷରୁ ମରାମତି କାର୍ଯ୍ୟ ଓ ଖୋଳାଯାଇଥିବା ଗର୍ତ୍ତ ପୂରଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ବସ ମାଲିକ ସଂଘର ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ପଟ୍ଟନାୟକ କହିଛନ୍ତି। ବସ ମାଲିକଙ୍କ ବନ୍ଦ ପାଳନ ବେଳେ ବିଡିଏ ତଥା ପ୍ରଶାସନ ଜିଦ କରି ବସଷ୍ଟାଣ୍ଡ ପ୍ରସ୍ଥାନ ପଥ ସମେତ ବସଷ୍ଟାଣ୍ଡ ପରିସରର ବିଭିନ୍ନ ରାସ୍ତାରେ ଗଭୀର ଗର୍ତ୍ତ କରିଥିଲା। କିନ୍ତୁ ବୈଠକରେ ସିଟି ବସଷ୍ଟାଣ୍ଡର ଅଧା ଅଞ୍ଚଳରୁ ବସ ଚଳାଚଳ ନେଇ ନିଷ୍ପତ୍ତି ପରେ ମଧ ଖୋଳା ଯାଇଥିବା ରାସ୍ତାର ମରାମତି ତଥା ଗର୍ତ୍ତ ପୂରଣ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନଥିବା ସାଧାରଣ ସମ୍ପାଦକ ଅଭିଯୋଗ କରିଛନ୍ତି। ତୁରନ୍ତ ମରାମତି କାର୍ଯ୍ୟ ଆରମ୍ଭ କରିବା ସହ ଗର୍ତ୍ତ ପୂରଣ ଦିଗରେ ପଦକ୍ଷେପ ନେବାକୁ ବସ ମାଲିକ ସଂଘ ଦାବି କରିଛି। ନଚେତ ଆଗାମୀ ଦିନରେ ପୁଣି ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସାଧାରଣ ସମ୍ପାଦକ ଚେତାବନୀ ଦେଇଛନ୍ତି।

**ପୁଣି ଆନ୍ଦୋଳନକୁ ଓହ୍ଲାଇବ ବସ ମାଲିକ ସଂଘ**



ସିଟି ବସଷ୍ଟାଣ୍ଡ ପ୍ରସ୍ଥାନ ପଥରେ ଖୋଳାଯାଇଥିବା ଗର୍ତ୍ତ।

- ୨ ସପ୍ତାହ ପରେ ବି ଆରମ୍ଭ ହୋଇନି ମରାମତି
- ପ୍ରବେଶ, ପ୍ରସ୍ଥାନ ପଥରେ ଅସୁବିଧା ଭୋଗୁଛନ୍ତି ଯାତ୍ରୀ

### ଚୋରି ଉଦ୍ୟମ, ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୮।୧୨(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ପଞ୍ଚାୟତ ଗଣିଆ ନାଳ ଛକରେ ଥିବା ରଞ୍ଜନ ବିଷୋୟୀଙ୍କ ଘରୁ ଚୋରି ଉଦ୍ୟମ କରିଥିବା ଅଭିଯୁକ୍ତଙ୍କୁ ରବିବାର ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ବ୍ରହ୍ମପୁର ସଦର ଥାନା ନାରାୟଣପୁର ଗାଁର ବଂଶୀଧର ସ୍ୱାଇଁ। ପୋଲିସ ନଂ. ୨୬୨/୧୯ରେ ମାମଲା ରୁଜୁ କରିଛି। ରଞ୍ଜନ ଗତ କିଛିଦିନ ହେଲା ଘରେ ତାଲା ପକାଇ ଦିଗପହଣ୍ଡିର ଏକ ଭଡ଼ା ଘରେ ପରିବାର ସହ ରହୁଛନ୍ତି। ଗତ ଗୁରୁବାର ପୂଜା କାର୍ଯ୍ୟ ପାଇଁ ରଞ୍ଜନଙ୍କ ସ୍ତ୍ରୀ ଗୀତାଞ୍ଜଳିଙ୍କ ସହ ଗଣିଆନାଳ ଘରେ ପହଞ୍ଚି ତାଲା ଖୋଲିବା ବେଳେ ଘରର ଉପର ମହଲାରେ କିଛି ଶବ୍ଦ ଶୁଣି ସେଠାକୁ ଯାଇଥିଲେ। ଅଭିଯୁକ୍ତ ଆଲମିରା ଭାଙ୍ଗି ଚୋରି ଉଦ୍ୟମ କରୁଥିବା ଦେଖି ସେମାନେ ପାଟି କରିଥିଲେ। ଅଭିଯୁକ୍ତ ଜଣକ ଖସି ଯିବାକୁ ଚେଷ୍ଟା କରୁଥିବା ବେଳେ ଲୋକେ ତାଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ଏ ନେଇ ଗୀତାଞ୍ଜଳି ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ।

**ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ବିଫଳ**

## ପ୍ରତିବାଦରେ ଗଣତାନ୍ତ୍ରିକ ମହିଳା ସମିତିର ବିକ୍ଷୋଭ




ଗଣତାନ୍ତ୍ରିକ ମହିଳା ସମିତିର ବିକ୍ଷୋଭ ସମାବେଶ।

ବ୍ରହ୍ମପୁର ଅଫିସ,୮।୧୨

ସିପିଏମଏଲ ଗଣତାନ୍ତ୍ରିକ ମହିଳା ସମିତି ଗଞ୍ଜାମ ଜିଲା ଶାଖା ପକ୍ଷରୁ ରବିବାର ବ୍ରହ୍ମପୁର କମାପଲ୍ଲୀ ଛକରେ ବିକ୍ଷୋଭ ସମାବେଶ ହୋଇଥିଲା। ଦେଶର ବିଭିନ୍ନ ସ୍ଥାନରେ ଚାଲିଥିବା ନାରୀ ନିର୍ଯାତନା, ମହିଳା, ଯୁବତୀ ଏବଂ ନାବାଳିକା ବଳାତ୍କାର, ଗଣବଳାତ୍କାର ଏବଂ ବୀଭତ୍ସ ହତ୍ୟା ପ୍ରତିବାଦରେ ଏହି ଆନ୍ଦୋଳନ କରାଯାଇଥିଲା। ଏଥିରେ ଗଣତାନ୍ତ୍ରିକ ଯୁବ ଓ ଛାତ୍ର ଫେଡେରେଶନ, ସିପିଏମ ଜିଲା କମିଟିର କର୍ମକର୍ତ୍ତା ଏବଂ ସଦସ୍ୟା ଓ ସଦସ୍ୟମାନେ ସାମିଲ ହୋଇଥିଲେ। ମହିଳାଙ୍କୁ ସୁରକ୍ଷା ଦେବାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଫଳ ହୋଇଥିବା ସେମାନେ ଅଭିଯୋଗ କରିଥିଲେ। ମହିଳା ସମିତି ଜିଲା ସମ୍ପାଦିକା ବିଷ୍ଣୁପ୍ରିୟା ସାହୁଙ୍କ ନେତୃତ୍ୱରେ ହୋଇଥିବା ପ୍ରତିବାଦ ସଭାରେ ସିପିଏମ ଜିଲା ସମ୍ପାଦକ କୈଳାସ ଷଡ଼ଙ୍ଗୀଙ୍କ ସମେତ ବସନ୍ତ ନନ୍ଦ, ହରିକୃଷ୍ଣ ରେଡ୍ଡୀ, ଗୋପାଳ ପାଣିଗ୍ରାହୀ, କ୍ଷେତ ମୂଲିଆ ସଂଘ ନେତା ବିଦ୍ୟାଧର ଜେନା ଯୋଗଦେଇ ଉଭୟ ସରକାର ବିରୋଧରେ ବର୍ଷିଥିଲେ। ଶୈଳେନ୍ଦ୍ରୀ ଗୌଡ଼, ଶଶୀ ଦାସ, ଡିୱାଇଏଫଆଇ ଜିଲା ସମ୍ପାଦକ ଅଜିତ ପାଣିଗ୍ରାହୀ, ସଭାପତି ତ୍ରିଲୋଚନ ପ୍ରଧାନ, ପ୍ରଶାନ୍ତ ବିଷୋୟୀ, ବୈରାଗୀ ମଲିକ, ବାବୁଲା ନାୟକ, ହରିବନ୍ଧୁ ନାହାକ, ବାପିନୀ ନାୟକ, କୃଷ୍ଣ ନାୟକ, ଏସଏଫଆଇ ନେତା ଚନ୍ଦନ ସ୍ୱାଇଁ ଓ ଅନ୍ୟମାନେ ଉଦ୍‌ବୋଧନ ଦେଇଥିଲେ। ବାମପନ୍ଥୀ ନେତାମାନେ ଆନ୍ଦୋଳନସ୍ଥଳରେ କେନ୍ଦ୍ର ଓ ରାଜ୍ୟ ସରକାର ବିରୋଧରେ ନାରାବାଜି କରିଥିଲେ। ଓଡ଼ିଶା ସମେତ ବିଭିନ୍ନ ସ୍ଥାନରେ ମହିଳା ଅସୁରକ୍ଷିତ ଥିବା ଦର୍ଶାଯାଇଥିଲା। ସବୁଠି ମହିଳାଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାର ସୁରକ୍ଷା ଯୋଗାଇବାକୁ ଦାବି କରାଯାଇଥିଲା।

### ଆକାଶବାଣୀ କେନ୍ଦ୍ର କାର୍ଯ୍ୟକ୍ରମ ମୁଖ୍ୟଙ୍କ ସମାବେଶ

ବ୍ରହ୍ମପୁର ଅଫିସ,୮।୧୨

ଓଡିଶାର ସମସ୍ତ ଆକାଶବାଣୀ କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟଙ୍କ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋପାଳପୁରଠାରେ ଆୟୋଜିତ ଏହି ବୈଠକରେ ଆକାଶବାଣୀ କଟକ କେନ୍ଦ୍ରର ନିର୍ଦ୍ଦେଶକ ସୁହାସ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ର କାର୍ଯ୍ୟକ୍ରମ ମୁଖ୍ୟ ହୃଷୀକେଶ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ଗତ ଅକ୍ଟୋବରଠାରୁ ଡିସେମ୍ବର ଓଡିଶାରେ ଆକାଶବାଣୀ ଦ୍ୱାରା ପ୍ରସାରିତ କାର୍ଯ୍ୟକ୍ରମଗୁଡିକର ସମୀକ୍ଷା କରାଯାଇଥିଲା। ଓଡିଶାର ଅନ୍ୟ କେନ୍ଦ୍ର ତୁଳନାରେ ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ରର କାର୍ଯ୍ୟକ୍ରମ ଓ ରାଜସ୍ୱ ସର୍ବାଧିକ ରହିଥିବା ବୈଠକରେ ସୂଚନା ଦିଆଯାଇଥିଲା। ଆଗାମୀ ୩ ମାସରେ ଓଡିଶାର ଗ୍ରାମାଞ୍ଚଳ ଓ ସାଂସ୍କୃତିକ ବିକାଶମୂଳକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଗୋପାଳପୁରସ୍ଥିତ ଭାରତୀୟ ପ୍ରାଣୀବିଜ୍ଞାନ ସର୍ବେକ୍ଷଣ ସଂସ୍ଥାନର ଅଧକ୍ଷ ଡ.ଅନୀଲ ମହାପାତ୍ର ବୈଠକରେ ଅତିଥି ଭାବେ ଯୋଗଦେଇଥିଲେ। କଟକର ଅଭୟ କୁମାର ଦାଶ, ବିଜ୍ଞାପନ ପ୍ରସାରଣ ବିଭାଗ ମୁଖ୍ୟ ଚିରଞ୍ଜିବୀ ରାଉତରାୟ, ସମ୍ବଲପୁରର ପ୍ରଫୁଲ୍ଲ କୁମାର ମାଝି, ଜୟପୁରର ଜଗଦୀଶ ଅଧିକାରୀ, ପୁରୀର କଳ୍ପନା ପରିଡାଙ୍କ ସମେତ ଓଡିଶାର ବିଭିନ୍ନ ଆକାଶବାଣୀ କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ବୈଠକରେ ଉପସ୍ଥିତ ଥିଲେ। ଜି. ପାପା ରାଓ, ଡି. ସେମେୟା, ସତ୍ୟବାଦୀ ବାଡତ୍ୟା, ସୁଦାମ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**କବିସୂର୍ଯ୍ୟନଗର କାମଦେବ ହତ୍ୟା ମାମଲା**

## ୨୪ ବର୍ଷ ପରେ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର ଅଫିସ,୮।୧୨



ଗିରଫ ଅଭିଯୁକ୍ତ।

କବିସୂର୍ଯ୍ୟନଗରର କାମଦେବ ନାୟକଙ୍କୁ ୧୯୯୫ ମେ ୫ତାରିଖରେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥାଇ ଦୀର୍ଘ ୨୪ ବର୍ଷ ଧରି ନାମ ବଦଳାଇ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ବୈଦ୍ୟନାଥପୁର ଥାନା ପୋଲିସ ଗିରଫ କରିଛି। ସେ ହେଲେ ଖୋଡାସିଂ ତୋଟାସାହିର ଏ. ହରି ଦାସ (୫୦)। ୨୦୦୩ରେ ଏକ ଲୁଟ ଘଟଣାରେ ହରି ସମ୍ପୃକ୍ତ ଥାଇ କୋର୍ଟରେ ହାଜର ହେଉ ନ ଥିବାରୁ ତାଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି ହୋଇଥିଲା। ଶନିବାର ରାତିରେ ହରିଙ୍କୁ ଗିରଫ କରାଯିବା ପରେ ସେ କାମଦେବ ହତ୍ୟା ମାମଲାରେ ସମ୍ପୃକ୍ତ ଥିବା ଜଣାପଡିଥିଲା ବୋଲି ବ୍ରହ୍ମପୁର ଏସଡ଼ିପିଓ ବିଷ୍ଣୁପ୍ରସାଦ ପତି ସୂଚନା ଦେଇଛନ୍ତି।

ଏକ ଆପରାଧିକ ଘଟଣାରେ ହରି ଗିରଫ ହୋଇ ଜେଲ ଯାଇଥିଲେ। ଜେଲରୁ ଜାମିନରେ ଆସିବା ପରେ କବିସୂର୍ଯ୍ୟନଗର ଚାଲିଯାଇଥିଲେ। ୧୯୯୫ ମେ ୫ତାରିଖରେ କାମଦେବ ହତ୍ୟାକାଣ୍ଡ ଭିଆଇ ସେ ଫେରାର ହୋଇଯାଇଥିଲେ। ୨୦୦୩ ଜୁଲାଇ ୪ ତାରିଖରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ମେଡିକାଲ ଛକସ୍ଥିତ ଓରାକଲ ମେଡ଼ିସିନ ଦୋକାନ ମାଲିକଙ୍କୁ ଖଣ୍ଡା ଦେଖାଇ ଟଙ୍କା ଲୁଟ କରିଥିଲେ। ପୋଲିସ ତାଙ୍କୁ ଗିରଫ କରିବା ପୂର୍ବରୁ ସେ ଖୋଡାସିଂ ଛାଡ଼ି ଚାଲିଯାଇଥିଲେ। ସେଠାରେ ସେ ନିଜ ନାମ ବଦଳାଇ ରହୁଥିଲେ। ପରେ କୋର୍ଟ ତରଫରୁ ହରିଙ୍କ ନାମରେ ଏନ୍‌ବିଡବ୍ଲ୍ୟୁ ଜାରି ହୋଇଥିଲା। ବୈଦ୍ୟନାଥପୁର ପୋଲିସ ଏନ୍‌ବିଡବ୍ଲ୍ୟୁ ଜିଆର ୬୪୪/୦୩ରେ ଘଟଣାର ୧୬ ବର୍ଷ ପରେ ଶନିବାର ରାତିରେ ହରିଙ୍କୁ ଗିରଫ କରିଥିଲା। ଜେରା ବେଳେ ହରି କବିସୂର୍ଯ୍ୟନଗର କାମଦେବ ହତ୍ୟା ମାମଲାରେ ସମ୍ପୃକ୍ତ ଥିବା ଜଣାପଡିଥିଲା। ରବିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସାରଦା ପ୍ରସନ୍ନ ଦାସ ସୂଚନା ଦେଇଛନ୍ତି।

## ବାଇକ୍ ଚୋରି ଅଭିଯୋଗ, ଯୁବକ ଗିରଫ

ବ୍ରହ୍ମପୁର ଅଫିସ,୮।୧୨

ବୈଦ୍ୟନାଥପୁର ପୋଲିସ ଶନିବାର ସନ୍ଧ୍ୟାରେ ବାଇକ୍ ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଖୋଡାସିଂ ତୋଟା ସାହିର ସୁଶାନ୍ତ କୁମାର ଦାସ (୨୯)। ତାଙ୍କ ନିକଟରୁ ଏକ ଚୋରି ବାଇକ ଜବତ କରାଯାଇଛି। ମାମଲା ନଂ. ୬୮/୧୯ରେ ସୁଶାନ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ବ୍ରହ୍ମପୁର ଏସଡ଼ିପିଓ ବିଷ୍ଣୁପ୍ରସାଦ ପତି କହିଛନ୍ତି। ଗଞ୍ଜାମ ଜିଲାର ବିଭିନ୍ନ ଥାନା ଇଲାକାରେ ସୁଶାନ୍ତଙ୍କ ବିରୋଧରେ ୧୦ଟି ଏନବିଡବ୍ଲ୍ୟୁ ମାମଲା ରହିଥିବା ଏସଡିପିଓ କହିଛନ୍ତି। ଗତ ମାର୍ଚ୍ଚ ୨୭ରେ ଏମକେସିଜି ମେଡିକାଲ ନିକଟରୁ ଏସ.ରାମଚନ୍ଦ୍ର ରେଡ୍ଡୀଙ୍କ ବାଇକ୍ ଚୋରି ହୋଇଥିଲା। ଏ ନେଇ ସେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଶନିବାର ସନ୍ଧ୍ୟାରେ ଗାଡି ଯାଞ୍ଚ କରୁଥିବା ବେଳେ ସୁଶାନ୍ତ ଚଳାଉଥିବା ବାଇକ୍ (ନଂ.ଓଆର ୦୭ ଭି-୦୯୩୫)ର ଠିକ କାଗଜପତ୍ର ଦେଖାଇପାରି ନ ଥିଲେ। ତେଣୁ ଏହା ଏକ ଚୋରି ଗାଡି ବୋଲି ପୋଲିସ ଜାଣିବା ପରେ ସୁଶାନ୍ତଙ୍କୁ ଗିରଫ କରିଛି। ସୁଶାନ୍ତ ଜଣେ ଭଲ କ୍ରୀଡ଼ାବିତ୍। କେଉଁ ପରିସ୍ଥିତିରେ ସେ ଏଭଳି ଆପରାଧିକ କାର୍ଯ୍ୟରେ ଲିପ୍ତ ରହୁଥିଲେ ତାହା ପରିବାର ଲୋକଙ୍କୁ ଚିନ୍ତାରେ ପକାଇଛି।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

ପାରଳାଖେମୁଣ୍ଡି,୮।୧୨(ସ୍ୱ.ପ୍ର.): ପାରଳାଖେମୁଣ୍ଡି ଥାନା ଅଧୀନ ପଦ୍ମପୁର ଛକ ନିକଟରେ ସଡ଼କ ଦୁର୍ଘଟଣାରେ ରବିବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଯେ, ଅଭିମନ୍ୟୁ ପ୍ରଧାନ(୫୩) ନାମକ ବ୍ୟକ୍ତି ବାଇକ୍(ଓଆର୍ ୦୭ ଏନ୍-୭୪୪୮) ଯୋଗେ ଗୁମ୍ମାରୁ ପାରଳାଖେମୁଣ୍ଡି ଅଭିମୁଖେ ଯିବା ସମୟରେ ପଦ୍ମପୁର ଗ୍ରାମ ଛକ ନିକଟରେ ଏକ ଟ୍ରାକ୍ଟର ତାଙ୍କୁ ପଛପାର୍ଶ୍ୱରୁ ଧକ୍କା ଦେଇଥିଲା। ଏଥିରେ ବାଇକ୍ ଚାଳକ ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ।

## ହଳଦିଆପଦର ବସ୍‌ଷ୍ଟାଣ୍ଡ ସମ୍ମୁଖରେ ହେବ ଫ୍ଲାଇଓଭର

ଛତ୍ରପୁର,୮।୧୨(ଡି.ଏନ.ଏ)

ବ୍ରହ୍ମପୁର ସହର ଉପକଣ୍ଠରେ ଥିବା ହଳଦିଆପଦର ବସ୍‌ଷ୍ଟାଣ୍ଡ ସମ୍ମୁଖ ଜାତୀୟ ରାଜପଥରେ ଏକ ଫ୍ଲାଇଓଭର ନିର୍ମାଣ ପାଇଁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ରାଜି ହୋଇଛନ୍ତି। ଏ ନେଇ ବିଶାଖାପାଟଣାସ୍ଥିତ ଏନ୍‌ଏଚ୍‌ଏଆଇର ପ୍ରକଳ୍ପ ନିର୍ଦ୍ଦେଶକ (ପିଡି)ଙ୍କ ପକ୍ଷରୁ ଗତ୨୮ ତାରିଖରେ ଗଞ୍ଜାମ ଆରଟିଓଙ୍କ ନିକଟକୁ ଏକ ଚିଠି (ନଂ.୨୪୯୦) ଆସିଛି। ଫ୍ଲାଇଓଭର ହେଲେ ବ୍ରହ୍ମପୁର ବାସିନ୍ଦା ଓ ଉକ୍ତ ଜାତୀୟ ରାଜପଥ ଦେଇ ଯାତାୟାତ କରୁଥିବା ଲୋକଙ୍କ ପାଇଁ ସୁବିଧା ହେବ। ଏଥିସହ ହଳଦିଆପଦର ବସଷ୍ଟାଣ୍ଡକୁ ବସ ଓ ବିଭିନ୍ନ ଯାନବାହନ ସୁବିଧାରେ ଯାଇପାରିବ। ପୂର୍ବରୁ ଉକ୍ତ ଫ୍ଲାଇଓଭର ନିର୍ମାଣ ପାଇଁ ଏନ୍‌ଏଚଏଆଇ କର୍ତ୍ତୃପକ୍ଷ ରାଜି ହେଉ ନ ଥିଲେ। ଏପରିକି ଏନଏଚ୍‌ଏଆଇର କାମକୁ ମଧ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଥିଲା। ହଳଦିଆପଦର ବସଷ୍ଟାଣ୍ଡ ସମ୍ମୁଖ ଜାତୀୟ ରାଜପଥରେ ଫ୍ଲାଇଓଭର ନିର୍ମାଣ ପାଇଁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏକ ପ୍ରସ୍ତାବ ଏନଏଚଏଆଇକୁ ପଠାଇଥିଲେ। ଏପରିକି ଗତ ଅକ୍ଟୋବର ୩୦ରେ ଛତ୍ରପୁରଠାରେ ଅନୁଷ୍ଠିତ ଜିଲା ସଡ଼କ ସୁରକ୍ଷା କମିଟି ବୈଠକରେ ଜିଲାପାଳ, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ବ୍ରହ୍ମପୁର ମହାନଗର ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ଟ୍ରାଫିକ୍ ସମସ୍ୟା ସମାଧାନ ନିମନ୍ତେ ଉକ୍ତ ଫ୍ଲାଇଓଭର ନିର୍ମାଣ ଆବଶ୍ୟକ ଥିବା କହିଥିଲେ। ଏହାପରେ ଫ୍ଲାଇଓଭର ନିର୍ମାଣ କରିବାକୁ ଏନଏଚଏଆଇ ରାଜି ହୋଇଛି। ଅନ୍ୟପକ୍ଷରେ ବ୍ରହ୍ମପୁରର ଗୋଷାଣି ନୂଆଗାଁ ଆରଓବି ସମ୍ମୁଖ ଜାତୀୟ ରାଜପଥରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଥିବା ସେଠାରେ ଅଣ୍ଡରପାସ୍ ନିର୍ମାଣ ପାଇଁ ଜିଲାପାଳ ଗୁରୁତ୍ୱାରୋପ କରି ଏନଏଚଏଆଇକୁ ଚିଠି ଲେଖିଥିଲେ। ତେବେ ଏନ୍‌ଏଚଏଆଇ କର୍ତ୍ତୃପକ୍ଷ ଏଥିରେ ରାଜି ହୋଇନାହାନ୍ତି। ଏ ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କ ଜରିଆରେ ଏନଏଚଏଆଇର ହେଡକ୍ୱାର୍ଟରକୁ ପ୍ରସ୍ତାବ ପଠାଇବାକୁ ଜିଲାପାଳଙ୍କୁ ବିଶାଖାପାଟଣାସ୍ଥିତ ଏନଏଚଏଆଇ ପିଡି ଚିଠି କରି ଜଣାଇଛନ୍ତି।

# ଦୃଷ୍ଟିବାଧିତ ସୌମ୍ୟାଙ୍କୁ ମିଳିଲେ ଜୀବନସାଥୀ

ବ୍ରହ୍ମପୁର ଅଫିସ,୮।୧୨

ଖୁବ୍ କମ୍ ବୟସରୁ ଦୃଷ୍ଟିଶକ୍ତି ହରାଇଥିଲେ ସୌମ୍ୟା। ଜୀବନ ଯେମିତି ଅନ୍ଧକାର ଆଡ଼କୁ ଠେଲି ହୋଇଯାଇଥିଲା। ତେବେ ସୌମ୍ୟାଙ୍କ ଅନ୍ଧକାର ଜୀବନ ମଧରେ ଆଲୋକବର୍ତ୍ତିକା ଭାବେ ମିଳିଯାଇଛନ୍ତି ଜଣେ ଜୀବନସାଥୀ। ରବିବାର ବ୍ରହ୍ମପୁରର ଏକ କଲ୍ୟାଣ ମଣ୍ଡପରେ ସୌମ୍ୟାଙ୍କ ହାତ ଧରିଛନ୍ତି ଆନ୍ଧ୍ରପ୍ରଦେଶର ମଦନ ମୋହନ। ଏହି ଆଦର୍ଶ ବିବାହକୁ ନେଇ ବ୍ରହ୍ମପୁରରେ ଚର୍ଚ୍ଚା ଲାଗିରହିଛି।

ବ୍ରହ୍ମପୁର ସହର ଗେଟ୍‌ବଜାର ରାଧାକ୍ରିଷ୍ଣ ସାହିର ଜି.ଏଲ୍.ଏନ୍. ସ୍ୱାମୀ ଶେଖରଙ୍କ ୨ ଝିଅ ଏବଂ ଗୋଟିଏ ପୁଅ। ସାନଝିଅ ସୌମ୍ୟା ୧୪ ବର୍ଷ ବୟସରେ ମସ୍ତିଷ୍କ ମ୍ୟାଲେରିଆରେ ଆକ୍ରାନ୍ତ ହୋଇଥିଲେ। ରୋଗ ଭଲ ହେଲା, କିନ୍ତୁ ଧୀରେ ଧୀରେ ସେ ଦୃଷ୍ଟିଶକ୍ତି ହରାଇବାରେ ଲାଗିଲେ। ଏକ ଘରୋଇ କମ୍ପାନୀରେ କାମ କରୁଥିବା ଶେଖର ନିଜ ଆର୍ଥିକ କ୍ଷମତା ଅନୁଯାୟୀ ଝିଅର ଚିକିତ୍ସା କରାଇଲେ। ହେଲେ ସୁଫଳ ମିଳିଲାନି। ଶତପ୍ରତିଶତ ଦୃଷ୍ଟିବାଧିତ ହୋଇଗଲେ ସୌମ୍ୟା। ଝିଅର ବିବାହଯୋଗ୍ୟା ବୟସ ହେବାରୁ ଶେଖର ଚିନ୍ତିତ ଥିଲେ। ଆନ୍ଧ୍ରପ୍ରଦେଶର ବିଜୟନଗରମ୍‌ରେ ରହୁଥିବା ଜଣେ ସମ୍ପର୍କୀୟ ମଦନଙ୍କ ସମ୍ପର୍କରେ ଶେଖରଙ୍କୁ କହିଥିଲେ। ଆନ୍ଧ୍ରପ୍ରଦେଶ ତିରୁପତିର ଜି.ଭେଙ୍କଟ ସୀମାଦ୍ରିଙ୍କ ପୁଅ ମଦନ ତିରୁମାଲା ମନ୍ଦିରରେ ଭକ୍ତଙ୍କୁ ମାଗଣାରେ ଖାଦ୍ୟ ଦିଆଯାଉଥିବା କ୍ୟାଣ୍ଟିନ୍‌ରେ କାମ କରନ୍ତି। ସମ୍ପୃକ୍ତ ସମ୍ପର୍କୀୟଙ୍କ ଜରିଆରେ ସୌମ୍ୟା ଓ ମଦନଙ୍କ ବିବାହ ସମ୍ପର୍କରେ ଶେଖର ଏବଂ ସୀମାଦ୍ରି କଥା ହୋଇଥିଲେ। ମଦନଙ୍କୁ ସୌମ୍ୟାଙ୍କ ଦୃଷ୍ଟିହୀନତା ସମ୍ପର୍କରେ କୁହାଯାଇଥିଲା। ଏହାକୁ ଅତି ସକାରାତ୍ମକ ଭାବେ ଗ୍ରହଣକରି ମଦନ ବିବାହ ପାଇଁ ରାଜି ହୋଇଯାଇଥିଲେ। ରବିବାର ଉଭୟ ପରିବାରର ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ବିବାହ ସମ୍ପନ୍ନ ହୋଇଛି। ବିନା ଯୌତୁକରେ ଏହି ଆଦର୍ଶ ବିବାହକୁ ସମସ୍ତେ ପ୍ରଶଂସା କରୁଛନ୍ତି।

ନିଜ ବିବାହକୁ ନେଇ ଆଶଙ୍କାରେ ଥିବା ସୌମ୍ୟାଙ୍କ ସ୍ୱପ୍ନ ପୂରଣ ହେଲା ବୋଲି ସେ କହିଛନ୍ତି। ସେହିପରି ମଦନ ଓ ତାଙ୍କ ବାପାଙ୍କୁ ପ୍ରଶଂସା କରିବା ପାଇଁ ପାଖରେ କୌଣସି ଶବ୍ଦ ନାହିଁ ବୋଲି ସୌମ୍ୟାଙ୍କ ବାପା ଶେଖର କହିଛନ୍ତି। ଭେଙ୍କଟେଶ୍ୱର ସ୍ୱାମୀଙ୍କ ଆଶୀର୍ବାଦ ଯୋଗୁ ବିବାହ ହୋଇପାରିଲା ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ମଦନଙ୍କ ବାପା ସୀମାଦ୍ରି କହିଛନ୍ତି, ସୌମ୍ୟାଙ୍କ ଦୃଷ୍ଟିହୀନତା ତାଙ୍କ ପରିବାର ପାଇଁ କୌଣସି ପ୍ରତିବନ୍ଧକ ସୃଷ୍ଟି ହୋଇ ନ ଥିଲା। ସୌମ୍ୟା ବୋହୂ ନୁହେଁ, ଝିଅ ଭାବେ ଘରେ ରହିବେ ବୋଲି ସେ କହିଛନ୍ତି। ସେହିପରି ମଦନ କେବେ ବାହ୍ୟ ସୁନ୍ଦରତାକୁ ଦେଖୁ ନ ଥିଲେ। ସୌମ୍ୟା ଦୃଷ୍ଟିବାଧିତ ଜାଣିବା ପରେ ସେ ବିବାହ କରିବାକୁ ରାଜି ହୋଇଯାଇଥିଲେ। ତାଙ୍କୁ ଜୀବନସାଥୀ ଭାବେ ପାଇଥିବାରୁ ଖୁସି ଥିବା ମଦନ କହିଛନ୍ତି।

**ବ୍ରହ୍ମପୁରରେ ଆଦର୍ଶ ବିବାହ**



ପରିବାରବର୍ଗଙ୍କ ଗହଣରେ ନବଦମ୍ପତି ସୌମ୍ୟା ଏବଂ ମଦନ।

**ସଂକ୍ଷେପରେ**

## ବଟି ମଗାକୁ ନେଇ ଖବରଦାତାଙ୍କ ନାଁରେ ଏତଲା

ହାତୀଓଟ,୮।୧୨-ପୋଲସରା ଅଞ୍ଚଳର ଜଣେ ଖବରଦାତା ଔଷଧ ଦୋକାନରେ ଦାଦାବଟି ମାଗିଥିବା ନେଇ ଶନିବାର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲସରା ପୋଲିସ ନଂ.୨୭୦/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଖବରଦାତା ଜଣକ ଗତ ଶୁକ୍ରବାର ପୋଲସରା ମେଡିକାଲ ଛକ ମୁଖ୍ୟ ସଡକ ପାର୍ଶ୍ୱରେ ଥିବା ଏକ ଔଷଧ ଦୋକାନ ମାଲିକ ଏସ୍.ପ୍ରଦୀପ କୁମାର ପାତ୍ରଙ୍କୁ ଧମକ ଚମକ ଦେଇ ମୋଟା ଅଙ୍କର ବଟି ମାଗିଥିଲେ। ପୂର୍ବରୁ ମଧ ସେ ତିନିଥର ଗାଳିଗୁଲଜ କରି ବଟି ମାଗିଥିବା ପ୍ରଦୀପ ଏତଲାରେ ଦର୍ଶାଇଛନ୍ତି। ଏ ନେଇ ସମ୍ପୃକ୍ତ ଖବରଦାତାଙ୍କୁ ଫୋନ୍ ମାଧମରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ତାଙ୍କ ସହିତ ଏଯାବତ୍ ସମ୍ପର୍କ ହୋଇପାରିନାହିଁ।

### ବାଇକ୍ ଚୋରି ଅଭିଯୋଗ ଘଟଣା

## ଖବର ପ୍ରକାଶ ପରେ ସୂଚନା ପାଇ ଉଦ୍ଧାର

ଦାରିଙ୍ଗବାଡ଼ି,୮।୧୨(ଡି.ଏନ.ଏ)- ଦାରିଙ୍ଗବାଡ଼ି ବ୍ଲକ ରୋଡରୁ ଶନିବାର ରାତିରେ ଜଣେ ପାଇପ ମିସ୍ତ୍ରୀ କୁଟେଶ୍ୱର ପ୍ରଧାନଙ୍କ ବାଇକ୍ ଚୋରି ହୋଇଥିବା ରବିବାର ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ଧରିତ୍ରୀ ପୋର୍ଟାଲରେ ସକାଳୁ ଖବର ପ୍ରକାଶ ପାଇଥିଲା। ଖବରଟି ପଢ଼ି ଜଣେ ବ୍ୟକ୍ତି ବାଇକ ସିକପାଟା ଅଞ୍ଚଳରେ ଥିବା କୁଟେଶ୍ୱରଙ୍କୁ ସୂଚନା ଦେଇଥିଲେ। ସେ ଯାଇ ଜଣେ ବ୍ୟକ୍ତିଙ୍କ ଘର ପଛପଟୁ ବାଇକଟି ଉଦ୍ଧାର କରିଥିଲେ। ବାଇକ ନେଇଯାଇଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା ଚଳାଇଛି। ପ୍ରକାଶ ଯେ, କୁଟେଶ୍ୱର ଶନିବାର ସନ୍ଧ୍ୟାରେ ତାଙ୍କ ବାଇକ (ନଂ.କେଏ-୨୦କ୍ୟୁ-୪୧୭୧)କୁ ବ୍ଲକରୋଡରେ ଏକ ଦୋକାନ ସମ୍ମୁଖରେ ରଖି କାମ କରୁଥିଲେ। ରାତି ପ୍ରାୟ ସାଢ଼େ୧୦ଟାରେ ଫେରି ବାଇକ ନଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ।

## ଅଙ୍ଗନୱାଡ଼ି ସଂଘ କର୍ମକର୍ତ୍ତା ଚୟନ

ବୁଗୁଡ଼ା,୮।୧୨(ଡି.ଏନ.ଏ.)

ବୁଗୁଡ଼ା ବ୍ଲକ ଅଙ୍ଗନୱାଡ଼ି କର୍ମୀ ସଂଘର ଏକ ବୈଠକ ବଳଦେବ ସ୍ୱାମୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏଥିରେ ବାସନ୍ତୀ କୁମାରୀ ପ୍ରଧାନ ଅଧକ୍ଷତା କରିଥିଲେ। ବ୍ଲକରେ ଥିବା ୧୦ ସେକ୍ଟର ସ୍ତରୀୟ ସଂଘର ସଭାପତି ଓ ସମ୍ପାଦକ ନିର୍ବାଚିତ ହୋଇଥିଲେ। ସଭାପତି ଭାବେ ବାସନ୍ତୀ ପ୍ରଧାନ, ଉପସଭାନେତ୍ରୀ ଭାବେ ପ୍ରମୋଦିନୀ ସ୍ୱାଇଁ, ସମ୍ପାଦିକା ଭାବେ ଅନିତା ମିଶ୍ର, ଯୁଗ୍ମ ସମ୍ପାଦିକା ଭାବେ ପ୍ରଭାସିନୀ ସେଠୀ ଓ କୋଷାଧକ୍ଷ ଭାବେ ବିନୋଦିନୀ ପଟ୍ଟନାୟକଙ୍କୁ ନିର୍ବାଚିତ କରାଯାଇଥିଲା। ବୈଠକରେ ପ୍ରତ୍ୟେକ ମାସରେ ସେକ୍ଟର ସ୍ତରୀୟ ବୈଠକ ଓ ପ୍ରକଳ୍ପ ସ୍ତରରେ ୩ ମାସକୁ ଥରେ ବୈଠକ ହେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ବ୍ଲକ ଅଙ୍ଗନୱାଡ଼ି କର୍ମୀ ସଂଘ ଭାରତୀୟ ମଜଦୁର ସଂଘରେ ମିଶିବା ପାଇଁ ବୈଠକରେ ସର୍ବସମ୍ମତି ନିଷ୍ପତ୍ତି ନିଆଯାଇଥିଲା। ସଂଘର ଉପଦେଷ୍ଟା ଭାବେ ୪ ଜଣଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା।

# ନାଳ, ଚୁଆ ପାଣି ପିଉଛନ୍ତି ଅଙ୍ଗନୱାଡି ଶିଶୁ

■ ପିଇବା ପାଣି ବ୍ୟବସ୍ଥା କରିବାକୁ ଦାବି

ଫିରିଙ୍ଗିଆ,୮।୧୨

ଫିରିଙ୍ଗିଆ ବ୍ଲକ ଡିଣ୍ଡିରା ଗାଁ ପଞ୍ଚାୟତର ଗୁଖୋଲ ଗ୍ରାମ ଅଙ୍ଗନବାଡି କେନ୍ଦ୍ରରେ ପାନୀୟ ଜଳ ବ୍ୟବସ୍ଥା ନାହିଁ। ଫଳରେ ନିକଟସ୍ଥ ନାଳ ଓ ଚୁଆ ଉପରେ ନିର୍ଭର କରିବାକୁ ପଡୁଛି। ରୋଷେଇ ପାଇଁ ମଧ୍ୟ ଏହି ପାଣି ବ୍ୟବହାର କରାଯାଉଛି। ଶିଶୁମାନେ ଦୂଷିତ ପାଣି ପିଉଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ଏହି ଅଙ୍ଗନୱାଡି କେନ୍ଦ୍ରକୁ ୭ ଜଣ ଶିଶୁ ଆସୁଛନ୍ତି। ଆରମ୍ଭରୁ ୩ ବର୍ଷ ପର୍ଯ୍ୟନ୍ତ ଗ୍ରାମ ମଣ୍ଡପରେ ଏହି କେନ୍ଦ୍ର ଚାଲିଥିଲା। ୨୦୧୬ରେ କେନ୍ଦ୍ର ନିର୍ମାଣ ହୋଇ ପିଲାଙ୍କୁ ସ୍ଥାନାନ୍ତର କରାଯାଇଥିଲେ ମଧ ପାଣି ବ୍ୟବସ୍ଥା ହୋଇନାହିଁ। ତେଣୁ ନିକଟସ୍ଥ ଚୁଆ ଓ ନାଳ ଉପରେ ନିର୍ଭର କରିବାକୁ ପଡୁଛି ବୋଲି କେନ୍ଦ୍ରରେ କର୍ମୀ ବୈନେତ୍ରୀ କହଁର କହିଛନ୍ତି। ସେହିପରି ଫିରିଙ୍ଗିଆ ସିଡିପିଓ ମଞ୍ଜୁଳା ପ୍ରଧାନ କୁହନ୍ତି, କେନ୍ଦ୍ରକୁ ପାଣି ବ୍ୟବସ୍ଥା କରିବାକୁ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗକୁ ଅନୁରୋଧ କରାଯାଇଛି। କିନ୍ତୁ ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ଡିଣ୍ଡିରାଗାଁ ସରପଞ୍ଚ କହ୍ନେଇ କହଁରଙ୍କୁ ପଚାରିବାରୁ, ଗତ ବର୍ଷ ଏହି ସ୍ଥାନରେ ଏକ ନଳକୂପ ଖୋଳାଯିବାକୁ ଉଦ୍ୟମ କରାଯାଇଥିଲା, କିନ୍ତୁ ପାଣି ବାହାରିଲା ନାହିଁ। ତେଣୁ ବିକଳ୍ପ ବ୍ୟବସ୍ଥା ଭାବେ ଏକ କୂଅ ଖୋଳାଯିବାକୁ ଯୋଜନା ରହିଛି। ତୁରନ୍ତ ପିଇବା ପାଣି ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।


ଅଙ୍ଗନୱାଡି କର୍ମୀ ଚୁଆରୁ ପାଣି ବୋହି କେନ୍ଦ୍ରକୁ ନେଉଛନ୍ତି।

**ଅଟୋ-ବୋଲେରୋ ମୁହାଁମୁହିଁ ଧକ୍କା**

## ଜଣେ ମୃତ, ୫ ଗୁରୁତର

ଦାରିଙ୍ଗବାଡ଼ି,୮।୧୨(ଡି.ଏନ.ଏ)

ଦାରିଙ୍ଗବାଡ଼ି ଥାନା ସିଆଙ୍ଗବାଲି ଛକରେ ରବିବାର ଅପରାହ୍ନରେ ଏକ ଅଟୋ ସହ ବୋଲେରୋ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୫ଜଣ ଗୁରୁତର ହୋଇଛନ୍ତି।


ଦୁର୍ଘଟଣାରେ ଭାଙ୍ଗିଯାଇଥିବା ଅଟୋ।

ମୃତକ ହେଲେ ଉକ୍ତ ଥାନା ଭ୍ରମରବାଡ଼ି ପଞ୍ଚାୟତ କେରୁବାଡ଼ି ଅଞ୍ଚଳର ମଙ୍ଗୁଳିଆ ନାୟକ(୪୫)। ଗୀତା ପ୍ରଧାନ, ବାସନ୍ତୀ ମଲ୍ଲିକ, ସଲମି ପ୍ରଧାନ, ରାହୁଲ ନାୟକ ଏବଂ ଚକ୍ରପାଣି ନାୟକ ଗୁରୁତର ଅଛନ୍ତି।

ପ୍ରକାଶ ଯେ, ରବିବାର ଦାରିଙ୍ଗବାଡ଼ି ହାଟ ଥିବାରୁ ଭ୍ରମରବାଡ଼ି ଅଞ୍ଚଳର ଲୋକ ହାଟରୁ ସୌଦା କିଣି ଅଟୋରେ ନିଜ ଗ୍ରାମକୁ ଫେରୁଥିଲେ। ଏହି ସମୟରେ କେରୁବାଡ଼ି ଅଞ୍ଚଳରୁ ବାଲିଗୁଡ଼ା ଅଭିମୁଖେ ଆସୁଥିବା ବୋଲେରୋ ସହ ୫୯ନଂ. ଜାତୀୟ ରାଜପଥର ସିଆଙ୍ଗବାଲି ବୁଲାଣି ଘାଟି ଛକରେ ଧକ୍କା ହୋଇଥିଲା। ଦାରିଙ୍ଗବାଡ଼ି ଆଇଆଇସି କୌଶିକ ମାଝୀ ପହଞ୍ଚି ସମସ୍ତ ଆହତଙ୍କୁ ଉଦ୍ଧାର କରି ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ମଙ୍ଗୁଳିଆଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏ ନେଇ (ନଂ.୧୨୯/୧୯) ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ମଙ୍ଗୁଳିଆଙ୍କ ସମ୍ପର୍କୀୟ ସମ୍ବନ୍ଧୀମାନେ ବୋଲେରୋରେ ଥିବା ଜଣାପଡ଼ିଛି।

## ବିଲ କାମ କରିବାକୁ ଆସି ଆତ୍ମହତ୍ୟା

ପଦ୍ମପୁର, ୮।୧୨(ଡି.ଏନ.ଏ.)

ବାସୁଦେବପୁର ବ୍ଲକ କଷିଆ ସାମୁଦ୍ରିକ ଥାନା ଅଧୀନ ଗୋପବନ୍ଧୁନଗରଠାରେ ବାଦଲ ମାଣ୍ଡି ନାମକ ଜଣେ ବ୍ୟକ୍ତି ଶନିବାର ରାତିରେ ଆତ୍ମହତ୍ୟା କରିଛନ୍ତି। କଷିଆ ସାମୁଦ୍ରିକ ଥାନା ଅଧିକାରୀ ବିଜୟ କୁମାର ମୁର୍ମୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ନଂ.୧୬/୧୯ରେ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି। ପଶ୍ଚିମବଙ୍ଗର ଉତ୍ତଆମଡିଆରୁ ବାଦଲ ଓ ତାଙ୍କ ସ୍ତ୍ରୀ ଧାନ କାଟିବାକୁ ଗୋପବନ୍ଧୁନଗର ଆସିଥିଲେ। ଶନିବାର ଖାଇସାରି ଶୋଇଥିଲେ। ରବିବାର ସକାଳେ ଗ୍ରାମର ଏକ ପୋଖରୀ ହୁଡ଼ାରେ ଥିବା ଗଛରେ ବାଦଲଙ୍କ ଝୁଲନ୍ତା ମୃତଦେହ ଦେଖି ଗ୍ରାମବାସୀ କଷିଆ ପୋଲିସକୁ ଖବର ଦେଇଥିଲେ।

## ଯୁବ ଉଦ୍ୟୋଗୀ ଦକ୍ଷତା ବୃଦ୍ଧି ତାଲିମ ଶିବିର

ଫୁଲବାଣୀ ଅଫିସ, ୮।୧୨

ଯୁବ ଉଦ୍ୟୋଗୀମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଯୋଗଦେଇ ଶିବିରାର୍ଥୀଙ୍କୁ ସଫଳ ଉଦ୍ୟୋଗୀ ହେବା ପାଇଁ କୌଶଳ ଓ ପ୍ରେରଣା ପ୍ରଦାନ କରିଥିଲେ। କ.ନୂଆଗାଁ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରୁ ଅନନ୍ୟା ବାଳିକା ମହାସଂଘ ଦ୍ୱାରା ଯୁବ କିଶୋରୀ ଉଦ୍ୟୋଗୀଙ୍କୁ ଚୟନ କରାଯାଇ, ଉଦ୍ୟୋଗ ଆରମ୍ଭ କରିବା ପାଇଁ କିଛି ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ସେହି ଉଦ୍ୟୋଗୀମାନେ ତାଲିମ୍ ଶିବିରରେ ଯୋଗଦାନ କରି ସଫଳ ଉଦ୍ୟୋଗୀ ହେବା ପାଇଁ ଆବଶ୍ୟକୀୟ ଦକ୍ଷତା ଓ କୌଶଳ ଉପରେ ତାଲିମ୍ ନେଇଥିଲେ । ଛତୁ ଚାଷ, ଛେଳି ଚାଷ, ତେଜରାତି ଦୋକାନ, ସିଲେଇ ମେଶିନ ଉପରେ ତାଲିମାର୍ଥୀମାନେ ସେମାନଙ୍କ ପ୍ରସ୍ତୁତି ଉପରେ କହିଥିଲେ। ଶିବିରରେ ମୋଟ ୨୬ ଯୁବ ଉଦ୍ୟୋଗୀ ଅଂଶଗ୍ରହଣ କରିଥିଲେ। ସର୍ବେଶ୍ୱର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନନ୍ତ ଚରଣ ମଲ୍ଲିକ୍, ମାନସୀ ମାଝି, ସଞ୍ଜୟ ରଣା ଓ ମଧୁସ୍ମିତା ତ୍ରିପାଠୀ ସହଯୋଗ କରିଥିଲେ।

## ଶୌଣ୍ଡିକ ସମାଜର ବୈଠକ

ଫୁଲବାଣୀ ଅଫିସ, ୮।୧୨

ଫୁଲବାଣୀସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶୌଣ୍ଡିକ ସମାଜର ଏକ ଜରୁରୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ୧୯୮୪-୮୫ରୁ ପଞ୍ଜୀକୃତ ଏହି ସମାଜର ବୈଠକ ଦୀର୍ଘ ବର୍ଷ ପରେ ବସିଥିବାରୁ ସମାଜକୁ ପୁନର୍ବାର କାର୍ଯ୍ୟକ୍ଷମ କରିବା ପାଇଁ ସମସ୍ତେ ପ୍ରସ୍ତାବ ଦେଇଥିଲେ। କେରେଡିର ପ୍ରଫୁଲ୍ଲ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସର୍ବସମ୍ମତିକ୍ରମେ ଏକ ଅସ୍ଥାୟୀ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ଶଙ୍କରାଖୋଲର ଦେବେଶ୍ୱର ସାହୁ, କାର୍ଯ୍ୟକାରୀ ସଭାପତି ଫୁଲବାଣୀର ସତ୍ୟନାରାୟଣ ସାହୁ, ସମ୍ପାଦକ ତ୍ରିନାଥ ସାହୁ, ସହ ସମ୍ପାଦକ ଭାବେ ସବ୍ୟସାଚୀ ସାହୁ, କୋଷାଧକ୍ଷ ଭାବେ କେରେଡିର ଶିବପ୍ରସାଦ ସାହୁ, ସଙ୍ଗଠନ ସମ୍ପାଦକ ଭାବେ ପ୍ରଭୂ ଚରଣ ପ୍ରଧାନ ଏବଂ ୨ ଉପ ସଭାପତି ଚୟନ ହୋଇଥିଲେ। ସ୍ଥାୟୀ କମିଟି ଗଠନ ହେବା ପର୍ଯ୍ୟନ୍ତ ଏହି ଅସ୍ଥାୟୀ କମିଟି ଶୌଣ୍ଡିକ ସମାଜର ସମସ୍ତ କାର୍ଯ୍ୟ କରିବ। ବୈଠକରେ ସମାଜର ପ୍ରତିଷ୍ଠାତା କର୍ମକର୍ତ୍ତା, ସଦସ୍ୟ ଏବଂ ଜାତି ଭାଇମାନେ ଯୋଗ ଦେଇଥିଲେ।


ସମାଜର ସଦସ୍ୟ ଏବଂ କର୍ମକର୍ତ୍ତା।

## ଦାରିଙ୍ଗବାଡିରେ ତାପମାତ୍ରା ବୃଦ୍ଧି, ସର୍ବନିମ୍ନ ୧୦ ଡିଗ୍ରୀ

ଦାରିଙ୍ଗବାଡି,୮।୧୨(ଡିଏନଏ)

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ରବିବାର ଶୀତ କମିଛି। ତାପମାତ୍ରାରେ ପରିବର୍ତ୍ତନ ହୋଇ ୧୦ଡିଗ୍ରୀରେ ପହଞ୍ଚିଛି। ଯାହା ଶନିବାର ସକାଳ ୮ଟା ସୁଦ୍ଧା ୬.୫ ଡିଗ୍ରୀ ରହିଥିଲା। ଶନିବାର ଅପରାହ୍ନଠାରୁ ହଠାତ୍ ପାଗରେ ପରିବର୍ତ୍ତନ ହୋଇ ଦିନରେ କୋହଲା ପାଗ ଯୋଗୁ ଶୀତ ବଢ଼ିବା ସହ ବିଳମ୍ବିତ ରାତି ଠାରୁ ଶୀତ କମିବା ଆରମ୍ଭ ହୋଇଥିଲା। ମେଘୁଆ ପାଗ ଯୋଗୁ ଶୀତ କମିଥିଲା।

ସୂଚନା ଯୋଗ୍ୟ ଯେ, ରବିବାର ଛୁଟିଦିନ ଥିବାରୁ ଶୀତର ମଜା ନେବାକୁ କେତେକ ପର୍ଯ୍ୟଟକ ଶନିବାର ଦାରିଙ୍ଗବାଡିରେ ପହଞ୍ଚିଥିବାବେଳେ ଆଉକିଛି ରବିବାର ସକାଳୁ ପହଞ୍ଚିଥିଲେ। ମାତ୍ର ଶୀତ ନ ଥିବାରୁ ନିରାଶ ହୋଇଛନ୍ତି। ତେବେ ପର୍ଯ୍ୟଟକମାନେ ଦାରିଙ୍ଗବାଡିର ଡୁଲୁରୀ ପାଇନ ବଣ ସମେତ କିରିକୁଟି ନେଚର ଲଭର୍ସ ପଏଣ୍ଟ, ମିଡ଼ିୟୁବାନ୍ଧା ଜଳପ୍ରପାତ, କଫି ବଗିଚା, ହିଲଭିୟୁ ପାର୍କ, ନେଚର ପାର୍କ,ସାଇଲେଣ୍ଟ ଭ୍ୟାଲି ଆଦି ପର୍ଯ୍ୟଟନ କେନ୍ଦ୍ର ବୁଲିବା ସହ ବଣ ଭୋଜି କରି ମଜା ନେଇଛନ୍ତି। ଶୀତ କମିଥିବାରୁ ଅଞ୍ଚଳବାସୀ ଆଶ୍ୱସ୍ତ ହୋଇଥିଲେ ମଧ ପର୍ଯ୍ୟଟକ ନିରାଶ ହୋଇଥିବା ଦେଖିବାକୁ ମିଳିଥିଲା।

## ଜିଲା ଯୁବ ମହୋତ୍ସବ ଉଦ୍‌ଯାପିତ

ଫୁଲବାଣୀ ଅଫିସ, ୮।୧୨

କନ୍ଧମାଳ ଷ୍ଟାଡିୟମରେ ଶନିବାରଠାରୁ ଆରମ୍ଭ ହୋଇଥିବା ଜିଲା ଯୁବ ମହୋତ୍ସବ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଦ୍ୱିତୀୟ ଦିନରେ ଜିଲାର କୋଣ ଅନୁକୋଣରୁ ଆସିଥିବା କଳାକାରମାନେ ସେମାନଙ୍କ କଳା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ବିଶେଷ କରି ଦ୍ୱିତୀୟ ଦିନରେ ପ୍ରତିଯୋଗୀଙ୍କ ମଧ୍ୟରେ ବଂଶୀ, ତବଲା, ମୃଦଙ୍ଗମ ବାଦନ, ଲୋକ ଗୀତ ଏବଂ ଲୋକ ନୃତ୍ୟ ଆଦି ଅନୁଷ୍ଠିତ ହୋଇଥିଲା। ଆଦିବାସୀ କୁଇ ନୃତ୍ୟରେ ଚକାପାଦର ନୀଳଚକ୍ର ଯୁବକ ସଂଘ ପ୍ରଥମ, ଖଜୁରିପଡା ଭାଗବତ ଯୁବକଳା ପରିଷଦ ଦ୍ୱିତୀୟ, କ.ନୂଆଗାଁ ଜନ ବିକାଶ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ ପ୍ରତିଯୋଗିତାରେ ଯେଉଁମାନେ ପ୍ରଥମ ହୋଇଛନ୍ତି। ସେମାନଙ୍କୁ ନେଇ ଏକ ଜିଲାସ୍ତରୀୟ କଲଚରାଲ ଗ୍ରୁପ ଗଠନ ହେବ। ଏହି ଦଳ ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଭାଗ ନେବ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ଉପ ଜିଲାପାଳ ସୁରେଶ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଖଜୁରିପଡା ବ୍ଲକ ଅଧକ୍ଷ ବୀରେନ୍ଦ୍ର କହଁର, ଜିଲା ସଂସ୍କୃତି ଅଧିକାରୀ ଅଞ୍ଜନ କୁମାର ବାରିକ, ଜିଲା କ୍ରୀଡାଧିକାରୀ ଜିତେନ୍ଦ୍ର ମହାକୁଡ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରଜ୍ଞାପାରମିତା ସାହୁ, ମନୋଜ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


 କଳାକାରମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି।

## ନୂତନ ଶସ୍ୟକଟା ଅଭିଯାନ କର୍ମଶାଳା

ଫୁଲବାଣୀ ଅଫିସ,୮।୧୨

ଜାତୀୟ ଧାନ ଗବେଷଣା କେନ୍ଦ୍ର, କଟକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀର ମିଳିତ ଉଦ୍ୟମରେ ନୂତନ ବିହନ ଶସ୍ୟକଟା ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଫୁଲବାଣୀ ନିକଟସ୍ଥ ବନ୍ଧସାହି, ପିଟବାରୀଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜାତୀୟ ଧାନ ଗବେଷଣା କେନ୍ଦ୍ରର ଡା. ମ୍ରିଣାଲ ଚକ୍ରବର୍ତ୍ତୀ, ଭବାନୀ ଶଙ୍କର ଶତପଥୀ, ରଘୁ ଏସ୍. ପ୍ରଭୁ, ସ୍ୱାତୀର ବିପ୍ରଚରଣ ସାହୁ ପ୍ରମୁଖ ଉପସ୍ଥିତ ରହି ଉପସ୍ଥିତ ୬୦ରୁ ଉର୍ଦ୍ଧ୍ୱ କୃଷକଙ୍କୁ ନୂତନ ବିହନ ଶସ୍ୟକଟା ଉପରେ ତାଲିମ ଦେଇଥିଲେ। ପୂର୍ବରୁ ଏହି ୨ ଗ୍ରାମର ୭୦ କୃଷକଙ୍କୁ ସିଆର୍ ଧାନ-୧୦୧, ୨୦୫, ୨୦୬, ୩୦୬ ଭଳି ବିଭିନ୍ନ କିସମର ବିହନ ଯୋଗାଇ ଦିଆଯାଇଥିଲା। କୃଷକମାନେ ଏ ସବୁ ବିହନ ବ୍ୟବହାର କରି ରେକର୍ଡ ସଂଖ୍ୟକ ଅମଳ କରିଛନ୍ତି। ହେକ୍ଟର ପ୍ରତି ଆନୁମାନିକ ୪.୨ ଟନ୍, ୪.୭, ୪.୯ ଓ ୫.୨ ଟନ୍ ଧାନ ଅମଳ ହେବା ଆକଳନ କରାଯାଇଛି।

## ୨୫ରେ ଜିଜିପିର ଦ୍ୱିତୀୟ ବାର୍ଷିକୋତ୍ସବ


ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଭଞ୍ଜନଗର,୮।୧୨(ଡି.ଏନ.ଏ)

ଘୁମୁସର ଗବେଷଣା ପ୍ରତିଷ୍ଠାନ (ଜିଜିପି)ର ଦ୍ୱିତୀୟ ବାର୍ଷିକୋତ୍ସବ ଆସନ୍ତା ୨୫ରେ ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏନେଇ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରତିଷ୍ଠାନର ସଭାପତି ଡ଼. ନୀଳାଞ୍ଚଳ ମୁନି ଅଧକ୍ଷତା କରିଥିଲେ। ଆବାହକ ଡ଼. ଶ୍ୟାମା ପ୍ରସାଦ ମିଶ୍ର, ସାଧାରଣ ସମ୍ପାଦକ ଡ଼. ତପନ ପ୍ରସାଦ ମିଶ୍ର, ଦାମୋଦର ଷଡ଼ଙ୍ଗୀ, ଡ଼. ସନ୍ତୋଷ କୁମାର ଆପଟ୍ଟ, ଡ଼. ଶିରିଷ ଷଡ଼ଙ୍ଗୀ, ଅଶୋକ ସ୍ୱାଇଁ, ଗୁରୁମୂର୍ତ୍ତି ନାୟକ, ଏ. କେ. ବିଶ୍ୱାଳ, ଡ଼. ଦେବେନ୍ଦ୍ର ରଥ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଡ଼. ରବୀନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ଡ଼. ମନ୍ମଥ ପାଢ଼ୀ, ଡ଼. ଶାନ୍ତନୁ କୁମାର ରଥ, ବିଷ୍ଣୁ ଚରଣ ଚୌଧୁରୀ, ମଦନ ମୋହନ ମହାପାତ୍ର, ଡ଼. ବିଜୟ କୁମାର ସାହୁ, ଡ଼. ଶିବ ପ୍ରସାଦ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ ଯେ, ଗତ ନଭେମ୍ବର ୧୧ରେ ଦ୍ୱିତୀୟ ବାର୍ଷିକୋତ୍ସବ ପାଇଁ ସ୍ଥିରିକୃତ ହୋଇଥିଲା। କିନ୍ତୁ ସାମ୍ଭାବ୍ୟ ବାତ୍ୟାକୁ ଦେଖି କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଥିଲା। ୨୫ ତାରିଖରେ ଉକ୍ତ ଉତ୍ସବ ହେବ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏଥିସହ ଡ଼. ଶାନ୍ତନୁ କୁମାର ରଥଙ୍କୁ ସ୍ୱତନ୍ତ୍ର ଭାବେ ଜିଜିପି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯିବ।

■ ବଢ଼ୁଛି କନ୍ଧମାଳ ହରିଡ଼ା, ବାହାଡ଼ା, ଅଁଳା ଚାହିଦା

# ହର୍ବାଲ୍ ପ୍ରଡକ୍ଟ ଦେଉଛି ମହିଳାଙ୍କୁ ରୋଜଗାର

ଦାରିଙ୍ଗବାଡ଼ି,୮।୧୨(ଡି.ଏନ.ଏ)

■ ୧୧୬ ମହିଳାଙ୍କୁ ନେଇ ଟିମ
■ ବର୍ଷକୁ ୧ଶହ କୁଇଣ୍ଟାଲ ପର୍ଯ୍ୟନ୍ତ ପ୍ରସ୍ତୁତି


ଭ୍ରମରବାଡ଼ି ମହିଳା ସଂଘ ପକ୍ଷରୁ ଅଁଳାକୁ ପ୍ରସ୍ତୁତ କରାଯାଉଛି।

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ରୋଜଗାର ବୃଦ୍ଧି ପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ସାମାଜିକ ଓ ଆର୍ଥିକ ବିକାଶ ପାଇଁ ମହିଳାମାନେ ବହୁ ପରିଶ୍ରମ କରୁଛନ୍ତି। ଜନଜାତି ଅଧ୍ୟୁଷିତ ଏହି ବ୍ଲକରେ ମହିଳାମାନେ ହଳଦୀ ସମେତ ଅଦା, କ୍ଷୁଦ୍ରଦାନା ଶସ୍ୟ, ଧାନ, ବିରି, ଶୋରିଷ ଫସଲ ସହ ଉଦ୍ୟାନ କୃଷିରେ ପନିପରିବା, ଆମ୍ବ, ଲିଚୁ, ଆଦି କରି ବହୁ ରୋଜଗାର କରୁଛନ୍ତି। ଏଥିସହ ବର୍ଷକୁ ୩ ମାସ ଅଁଳା ସମେତ ହରିଡ଼ା, ବାହାଡ଼ା ଚାଷ କରି ଭଲ ଦୁଇପଇସା ରୋଜଗାର ସହ, ଜଙ୍ଗଲରୁ ଶାଳପତ୍ର ସଂଗ୍ରହ କରି ଖଲି ସିଲେଇ କରି ବଜାରରେ ବିକ୍ରି କରିଥାନ୍ତି। ତେବେ ଅକ୍ଟୋବର ମାସ ଠାରୁ ଡିସେମ୍ବର ପର୍ଯ୍ୟନ୍ତ ଏହି ଅଁଳା, ହରିଡ଼ା, ବାହାଡ଼ା ସଂଗ୍ରହ କରିବା ସହ ଏହାକୁ ରନ୍ଧା, ଶୁଖାଇବା, ଗୁଣ୍ଡ କରିବା ପରେ ପ୍ରସ୍ତୁତ କରି ବଜାରରେ ବିକ୍ରି କରିଥାନ୍ତି। ଦେଶରେ ନାମୀଦାମୀ ହରବାଲ କମ୍ପାନୀ ଦାରିଙ୍ଗବାଡ଼ିରୁ ସିଧାସଳଖ ଏହା କ୍ରୟ କରିଥାନ୍ତି।

ଦଲାଲମାନେ ମଧ ପହଞ୍ଚି ଶସ୍ତାରେ କିଣିନେଇଥାନ୍ତି। ଅଞ୍ଚଳର ଶ୍ରାନିକେତା ପଞ୍ଚାୟତର ସୁଲୁମାହା ଗ୍ରାମରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଦୁର୍ଗମ ଭ୍ରମରବାଡ଼ି ପଞ୍ଚାୟତର ୧୧୬ ଜଣିଆ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏହି ହରବାଲ ପ୍ରଡକ୍ଟ ପ୍ରସ୍ତୁତ କରି ବିକ୍ରି କରିଥାନ୍ତି। ଭ୍ରମରବାଡ଼ି ପଞ୍ଚାୟତର ମହିଳାମାନେ ନିଜେ ଅଁଳା ସମେତ ହରିଡ଼ା ବାହାଡ଼ା ସଂଗ୍ରହ କରିବା ସହ ଅନ୍ୟମାନଙ୍କ ଠାରୁ କଞ୍ଚାମାଲ୍ କିଲୋ ପିଛା ୧୦ଟଙ୍କାରେ କିଣନ୍ତି ବୋଲି ସଭାନେତ୍ରୀ ମିନତୀ ପ୍ରଧାନ, ସମ୍ପାଦିକା ସୂର୍ଯ୍ୟକାନ୍ତୀ ପ୍ରଧାନ ପ୍ରମୁଖ କହିଛନ୍ତି। ପରେ ଶୁଖିଲା ଅଁଳାକୁ କିଲୋ ପିଛା ୨ଶହ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଉଥିବା ମହିଳା ସଦସ୍ୟ ନମୋଜିନୀ ପ୍ରଧାନ,ଜାସନ୍ତୀ ନାୟକ ପ୍ରମୁଖ କହିଛନ୍ତି। ପ୍ରଥମେ ଅଁଳାକୁ ଗରମ ପାଣିରେ ଶିଝା ଯାଇଥାଏ। ପରେ ତାକୁ କାଟି ଶୁଖାଯାଇଥାଏ। ଶୁଖିବା ପାଇଁ ବହୁ ସମୟ ଲାଗିଥାଏ। ସରକାରଙ୍କ ପକ୍ଷରୁ ଏହା କିଣାଗଲେ ଭଲ ଦର ମିଳନ୍ତା, ବାହାରୁ ଆସୁଥିବା କମ୍ପାନୀ ଏବଂ ଦଲାଲ ଶସ୍ତାରେ ନେଉଛନ୍ତି। ମଜୁରି ମଧ ସେମାନେ ପାଉ ନ ଥିବା କହିଛନ୍ତି। ଗତବର୍ଷ ଦର କମିଯିବାରୁ ଏବଂ ଦଲାଲମାନେ ଶସ୍ତାରେ କିଣିବାକୁ ଉଦ୍ୟମ କରିଥିବାରୁ ମହିଳାମାନେ ବିକ୍ରି କରିପାରି ନ ଥିବା କହିଛନ୍ତି। ଗତବର୍ଷର ପ୍ରାୟ ୫୦ କୁଇଣ୍ଟାଲ ଅଁଳା ମହଜୁଦ ରହିଛି, ଚଳିତବର୍ଷ ଏବେ ପ୍ରସ୍ତୁତି ଚାଲିଥିବା ମହିଳା ସଂଘ ପକ୍ଷରୁ କୁହାଯାଇଛି।

'ଧରିତ୍ରୀ' ପରିବାରକୁ ୪୭ତମ ସ୍ୱନକ୍ଷତ୍ର ଶୁଭେଚ୍ଛା ।
ପୂର୍ଣ୍ଣଚନ୍ଦ୍ର ସାହୁ
ଅଧ୍ୟକ୍ଷ
St. Joseph Public School

ଧରିତ୍ରୀର ୪୭ତମ ଜନ୍ମ ବାର୍ଷିକ ଅବସରରେ ଛେଣ୍ଡିପଦା ବ୍ଲକର ସମସ୍ତ ଜନସାଧାରଣ ଓ ଧରିତ୍ରୀର ସମସ୍ତ ପାଠକ ପାଠିକା ମାନଙ୍କୁ ମୋର ଶୁଭେଚ୍ଛା ଏବଂ ଧରିତ୍ରୀର ଉତ୍ତରୋତ୍ତର ଉନ୍ନତି ହେଉ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି ।
ପୁଷ୍ପଲତା ପ୍ରଧାନ
ସମିତିସଭ୍ୟ ଟାଙ୍ଗିରା ଗ୍ରାମ ପଞ୍ଚାୟତ

ଧରିତ୍ରୀର ଜନ୍ମବାର୍ଷିକୀରେ ଅଭିନନ୍ଦନ
ବେଣୁଧର ଜାଲି
B.E.O., Gunupur

ଧରିତ୍ରୀର ବାର୍ଷିକ ଉତ୍ସବରେ ଅଭିନନ୍ଦନ ଏବଂ ଶୁଭେଚ୍ଛା
ବିଦ୍ୟାଭୂଷଣ ମହାନ୍ତି
A.D.W.O. Gunupur

ଧରିତ୍ରୀର ୪୭ତମ ଜନ୍ମ ବାର୍ଷିକ ଅବସରରେ ଛେଣ୍ଡିପଦା ବ୍ଲକର ସମସ୍ତ ଜନସାଧାରଣ ଓ ଧରିତ୍ରୀର ସମସ୍ତ ପାଠକ ପାଠିକା ମାନଙ୍କୁ ମୋର ଶୁଭେଚ୍ଛା ଏବଂ ଧରିତ୍ରୀର ଉତ୍ତରୋତ୍ତର ଉନ୍ନତି ହେଉ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି ।
ସୁଧାକର ବେହେରା

ଦୁରୁଆ ସମ୍ପ୍ରଦାୟର ସଂସ୍କୃତି ପରମ୍ପରା ଓ ସମସ୍ୟାକୁ ଧରିତ୍ରୀ ସଠିକ୍ ଭାବେ ଉପସ୍ଥାପନ କରି ଆସିଥିବାରୁ ଆନ୍ତରିକ ଶୁଭେଚ୍ଛା ।
Das Hon
ଆଦିରାଣୀ ପଲ୍ଲବୀ, ଦୁରୁଆ
ଗୁରୁ କୁଳମଣି ଜେନା

ଧରିତ୍ରୀର ୪୭ତମ ଜନ୍ମ ବାର୍ଷିକ ଅବସରରେ ଛେଣ୍ଡିପଦା ବ୍ଲକର ସମସ୍ତ ଜନସାଧାରଣ ଓ ଧରିତ୍ରୀର ସମସ୍ତ ପାଠକ ପାଠିକା ମାନଙ୍କୁ ମୋର ଶୁଭେଚ୍ଛା ଏବଂ ଧରିତ୍ରୀର ଉତ୍ତରୋତ୍ତର ଉନ୍ନତି ହେଉ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି ।
ଲକ୍ଷ୍ମୀକାନ୍ତ ସାହୁ

ଧରିତ୍ରୀର ୪୭ତମ ଜନ୍ମ ବାର୍ଷିକ ଅବସରରେ ଛେଣ୍ଡିପଦା ବ୍ଲକ୍ ର ସମସ୍ତ ଜନସାଧାରଣ ଓ ଧରିତ୍ରୀର ସମସ୍ତ ପାଠକ ପାଠିକା ମାନଙ୍କୁ ମୋର ଶୁଭେଚ୍ଛା ଏବଂ ଧରିତ୍ରୀର ଉତ୍ତରୋତ୍ତର ଉନ୍ନତି ହେଉ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି ।
ରାକେଶ କୁମାର ପ୍ରଧାନ

NAXATRA ENTERPRISES
ଧରିତ୍ରୀର ୪୭ତମ ଜନ୍ମ ବାର୍ଷିକ ଅବସରରେ ଛେଣ୍ଡିପଦା ବ୍ଲକର ସମସ୍ତ ଜନସାଧାରଣ ଓ ଧରିତ୍ରୀର ସମସ୍ତ ପାଠକ ପାଠିକା ମାନଙ୍କୁ ମୋର ଶୁଭେଚ୍ଛା ଏବଂ ଧରିତ୍ରୀର ଉତ୍ତରୋତ୍ତର ଉନ୍ନତି ହେଉ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି ।
ନକ୍ଷତ୍ର ଏଣ୍ଟରପ୍ରାଇଜେସ୍
ଛେଣ୍ଡିପଦା

ଧରିତ୍ରୀର ୪୭ତମ ଜନ୍ମ ବାର୍ଷିକ ଅବସରରେ ଛେଣ୍ଡିପଦା ବ୍ଲକର ସମସ୍ତ ଜନସାଧାରଣ ଓ ଧରିତ୍ରୀର ସମସ୍ତ ପାଠକ ପାଠିକା ମାନଙ୍କୁ ମୋର ଶୁଭେଚ୍ଛା ଏବଂ ଧରିତ୍ରୀର ଉତ୍ତରୋତ୍ତର ଉନ୍ନତି ହେଉ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି ।
ସୁଜ୍ୟୋତ୍ସ୍ନା ଦେହୁରୀ

ଦୈନିକ ଧରିତ୍ରୀର ୪୭ତମ ପ୍ରତିଷ୍ଠା ଉତ୍ସବ ପାଳନ ଅବସରରେ ଏହି ଅଞ୍ଚଳରେ ଧରିତ୍ରୀର ବହୁଳ ପ୍ରସାରଣ ପାଇଁ କାମନା କରୁଛୁ । ମୋ ପଞ୍ଚାୟତ ବେରୁହାଁର ବିକାଶ ପାଇଁ ସରକାର ଅଧିକ ପରିମାଣର ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି ଜଣାଉଛି ।
ଲାବଣ୍ୟବତୀ ସେନାପତି
ସରପଞ୍ଚ, ବେରୁହାଁ

ଧରିତ୍ରୀର ୪୭ତମ ଜନ୍ମ ବାର୍ଷିକ ଅବସରରେ ଛେଣ୍ଡିପଦା ବ୍ଲକର ସମସ୍ତ ଜନସାଧାରଣ ଓ ଧରିତ୍ରୀର ସମସ୍ତ ପାଠକ ପାଠିକା ମାନଙ୍କୁ ମୋର ଶୁଭେଚ୍ଛା ଏବଂ ଧରିତ୍ରୀର ଉତ୍ତରୋତ୍ତର ଉନ୍ନତି ହେଉ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି ।
ଉତ୍କଳ ପ୍ରଧାନ

ପ୍ରଜ୍ଞା ଭାରତୀ ଆବାସିକ ଉଚ୍ଚ ବିଦ୍ୟାଳୟ
ଧରିତ୍ରୀ ତା'ର ଗନ୍ତବ୍ୟ ପଥରେ ଅଗ୍ରସର ହୋଇ ଦୈନିକ ନିରପେକ୍ଷ ସମ୍ବାଦ ପରିବେଷଣ ପୂର୍ବକ ସମାଜର ଅନେକ ହିତ ସାଧନ କରୁଥିବାରୁ ୪୭ତମ ଜନ୍ମବାର୍ଷିକୀ ଅବସରରେ ଶୁଭେଚ୍ଛା ।
ପ୍ରଜ୍ଞା ଭାରତୀ ଆବାସିକ ଉଚ୍ଚ ବିଦ୍ୟାଳୟ, ସୋନପୁର ନୂତନ ଶିକ୍ଷାବର୍ଷ ପାଇଁ ପ୍ରଥମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଗ୍ରହଣ ନିମନ୍ତେ ନାମଲେଖା ଆବେଦନ ଫର୍ମ ଆଗାମୀ ୧୧।୦୩।୨୦୨୦ ଠାରୁ ବିକ୍ରି ଆରମ୍ଭ କରିବ ଓ ତା୦୬।୦୪।୨୦୨୦ଠାରୁ ନାମଲେଖା ଆରମ୍ଭ ହେବ ।
ରମେଶ ପ୍ରସାଦ ନାୟକ, ପ୍ରଧାନ ଶିକ୍ଷକ, ମୋ ନଂ: ୮୮୯୫୦୦୨୩୯୮
ସନ୍ତୋଷ କୁମାର ପୂଜାହାରୀ, ପରିଚାଳନା ନିର୍ଦ୍ଦେଶକ, ମୋ ନଂ: ୯୪୩୭୧୫୧୮୨୧

ଧରିତ୍ରୀର ୪୭ତମ ସ୍ୱନକ୍ଷତ୍ରରେ ଶୁଭକାମନା
ହରିଶ୍ଚନ୍ଦ୍ର ମହାନ୍ତି
ଗୁଣପୁର

ଧରିତ୍ରୀ ୪୭ତମ ସ୍ୱନକ୍ଷତ୍ର ଅଭିନନ୍ଦନ
ବିଷ୍ଣୁ ପ୍ରସାଦ ଅଗ୍ରୱାଲ
ସହକାରୀ ଯନ୍ତ୍ରୀ, ଜନସ୍ୱାସ୍ଥ୍ୟ ବିଭାଗ, ଗୁଣପୁର

ପଞ୍ଚାୟତ ସମିତିର ଉନ୍ନତି ଆମର ଲକ୍ଷ୍ୟ
ଶାନ୍ତିପ୍ରଭା ପ୍ରଧାନ
B.D.O., Gunupur

ଧରିତ୍ରୀର ୪୭ତମ ସ୍ୱନକ୍ଷତ୍ରରେ ଶୁଭେଚ୍ଛା
ଇସାନି, ଅନିଲ, ମଧୁସ୍ମିତା, ନବିସ

ଧରିତ୍ରୀର ୪୭ତମ ଜନ୍ମ ଦିନରେ ଶୁଭେଚ୍ଛା
ବଜେନ୍ଦ୍ର ନାୟକ
ସହକାରୀ ଯୋଗାଣ ଅଧିକାରୀ, ଗୁଣପୁର

BIDWAN RESIDENTIAL COLLEGE
TOPPERS -2019
Your Success Our Vision
(Recognised By Govt.of Odisha)
DAY - CUM - RESIDENTIAL COLLEGE
SUCCESS - 97.25 %
DISTRICT TOPPER- 2018, ODISHA RANK - 5th, YUBRAJ 550
KIRAN 492
S. ASWINA 489
PRAJNA 466
DISTRICT 2nd TOPPER- 2019, ODISHA RANK - 14th, SIBASUNDAR 550
DEBASIS 466
BISWAJIT 460
2nd HIGHEST BISWARANJAN 513
Contact- 06728-223477, 9439946002, 9438290866, 9438298271,

ବିଜୁ ଜନତା ଦଳ
ଧରିତ୍ରୀର ୪୭ତମ ଜନ୍ମ ବାର୍ଷିକ ଅବସର ରେ ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣ ଓ ଧରିତ୍ରୀର ସମସ୍ତ ପାଠକ ପାଠିକା ମାନଙ୍କୁ ମୋର ଶୁଭେଚ୍ଛା ଏବଂ ଧରିତ୍ରୀର ଉତ୍ତରୋତ୍ତର ଉନ୍ନତି ହେଉ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି ।
ସୁଶାନ୍ତ ବେହେରା
ବିଧାୟକ, ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ

## ସଂକ୍ଷେପରେ

### ବେଆଇନ ବାଲି ବୋଝେଇ ଟ୍ରାକ୍ଟର, ଜେସିବି ଜବତ

ପାଟଣା, ୮।୧୨(ସ୍ୱ.ପ୍ର.) କେନ୍ଦୁଝର ଜିଲା ପାଟଣା ତହସିଲ ଚେମେଣା ରାଜସ୍ୱ ନିରୀକ୍ଷକ ଅନ୍ତର୍ଗତ ନେଉଳିଯୋଡି ନାଳରୁ ରବିବାର ରାତିରେ ବେଆଇନ ବାଲି ଉତ୍ତୋଳନ କରୁଥିବା ଗୋଟିଏ ବାଲି ବୋଝେଇ ଟ୍ରାକ୍ଟର ଓ ଗୋଟିଏ ଜେସିବି ମେଶିନକୁ ଗ୍ରାମବାସୀ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ତୁରୁମୁଙ୍ଗା ଥାନା ଅଧିକାରୀ ବରେନ୍ଦ୍ର ଶିଆଳଙ୍କ ନିର୍ଦ୍ଦେଶ କ୍ରମେ ଘଟଣା ସ୍ଥଳରେ ତୁରୁମୁଙ୍ଗା ଥାନା ଏସଆଇ ଡିଡି ମୋଦି ପହଞ୍ଚି ଉଭୟ ଗାଡି ଦୁଇଟିକୁ ଜବତ କରି ଥାନାକୁ ଆଣି ଘଟଣାର ତଦନ୍ତ ଜାରି ରଖିଛନ୍ତି।

### କେନ୍ଦୁପୋଷିରେ ସାରପାଟ ପୂଜାର୍ଚ୍ଚନା

**କେନ୍ଦୁଝର, ୮।୧୨( ସ୍ୱ.ପ୍ର.)-** ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କେନ୍ଦୁପୋଷି ଗ୍ରାମରେ ସାରପାଟ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ଏହି ପୂଜା କଲେ ଭଲ ଓ ଅଧିକ ଧାନ ଅମଳ ହୋଇଥାଏ ବୋଲି ଚାଷୀମାନେ ବିଶ୍ୱାସ କରିଥାନ୍ତି। ସମସ୍ତ ଚାଷୀମାନେ ବୈଠକ କରି ଭଲଦିନ ବାର ତିଥି ବାହାର କରି ଦେହୁରୀଙ୍କ ପରାମର୍ଶ କ୍ରମେ ପୂଜାକାର୍ଯ୍ୟ ହୋଇଛି। ହାତିକୁଚା ଗ୍ରାମର ଦେହୁରୀ ଗୌର ଚନ୍ଦ୍ର ଦେହୁରୀ ଦିବା ୧୦ଘଟିକା ସମୟରେ ପୂଜାର୍ଚ୍ଚନା କରିଛନ୍ତି। ପୂଜାରେ ଠାକୁରାଣୀଙ୍କୁ ବୋଦା ବଳି ଦିଆଯାଇଥିଲା। ଏଥିରେ କେନ୍ଦୁପୋଶି ମରସିଂହପୁର ଚାଷୀମାନେ ସାମିଲ ହୋଇଥିଲେ।

### ବେଆଇନ କୁକୁଡାପଡା ଉପରେ ଚଢାଉ, ୨ ଗିରଫ

ପାଟଣା, ୮।୧୨(ସ୍ୱ.ପ୍ର.) କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡା ସାପ୍ତାହିକ ହାଟ ନିକଟ ଆହାରପଡା ଜଙ୍ଗଲରେ ରବିବାର ଅପରାହ୍ନରେ ଚାଲିଥିବା ବେଆଇନ କୁକୁଡ଼ାପଡା ଉପରେ ପାଟଣା ପୋଲିସ ପକ୍ଷରୁ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିଥିବା ବେଳେ କୁକୁଡ଼ା ବାଜି ଆୟୋଜନ କରୁଥିବା ମୁଖ୍ୟ କାର୍ପଟଦାର କୁହାଯାଉଥିବା ଆହାରପଡା ଗ୍ରାମର ଜଣେ ଅବସରପ୍ରାପ୍ତ ଶିକ୍ଷକ ଘଟଣାସ୍ଥଳରୁ ଫେରାର ହୋଇଯିବାକୁ ସକ୍ଷମ ହୋଇଛନ୍ତି। କୁକୁଡ଼ା ବାଜି ଚାଲିଥିବା ପଡାରୁ ନଗଦ ୩୬୦୦ଟଙ୍କାକୁ ପୋଲିସ ଜବତ କରିଛି। ଏନେଇ ପାଟଣା ଥାନାରେ ଏକ ମାମଲା ୨୦୦/୧୯ ରେ ଏକ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ସନ୍ଧ୍ୟା ରାଣୀ ଜେନା ସୂଚନା ଦେଇଛନ୍ତି। ୩୦ ପ୍ରିଭେସନ ଅଫ ଗ୍ରାମ୍ବଲିଙ୍ଗ ଆକ୍ଟରେ ଉଭୟଙ୍କୁ ଛାଡିଦିଆଯାଇଛି।

### ଚିକିତ୍ସା ପାଇଁ ଅର୍ଥ ବାଧକ

**ହାଟଡିହୀ, ୮। ୧୨(ଡି.ଏନ୍.ଏ.)-** କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଶାଳଣିଆଁ ପଞ୍ଚାୟତ ମନୋହରପୁର ଗ୍ରାମର ନାଣ୍ଡୁ ମୁଖୀ। ତିନି ମାସ ହେବ ସେ ମଧୁମେହ ରୋଗରେ ପିଡିତ ହୋଇଛନ୍ତି। ଫଳରେ ତାଙ୍କ ଗୋଡରେ ଏକ ଛୋଟ କ୍ଷତ ଏବେ ବଡ ଆକାରରେ ଧାରଣ କରିବାକୁ ବସିଲାଣି। ନିଜର ବୋଲି ସ୍ତ୍ରୀ ଆଉ ଦୁଇ ପୁଅ। ତେବେ ପୁଅ ଦୁଇ ଜଣଙ୍କର ସେମିତି କିଛି ରୋଜଗାରର ପନ୍ଥା ନାହିଁ। ବାପାଙ୍କର ଯାହାକିଛି ଧନ ସମ୍ପତ୍ତି ଥିଲା ଖର୍ଚ୍ଚ କରିବା ସତ୍ତ୍ୱେ ବି ତାଙ୍କର ଶରୀର ସୁସ୍ଥ ହେବାକୁ ନା ଧରୁନି। ଫଳରେ ନାନା ମାନସିକ ଭାରସାମ୍ୟ ହରାଇବା ଅବସ୍ଥାରେ ପରିବାରବର୍ଗ ଦିନ କାଟୁଛନ୍ତି। ନିକଟରେ କଟକ ବଡ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିଲେ ସୁଦ୍ଧା ନାଣ୍ଡୁ ଅର୍ଥ ଅଭାବରୁ ବାଧ ହୋଇ ଘରକୁ ଫେରିଥିଲେ। ସେ ଏବେ ଅସୁସ୍ଥ, ଅସହାୟ ଅବସ୍ଥାରେ ଦିନକାଟୁଥିବା ଦେଖିବାକୁ ମିଳିଛି। ସ୍ୱେଚ୍ଛାସେବୀ ସଂଗଠନ ଫ୍ରେଣ୍ଡସ୍ ପର୍ ଫାଉଣ୍ଡେସନ୍ ପରିବାର ପକ୍ଷରୁ ଘଟଣା ସମ୍ପର୍କରେ ଖବର ପାଇ ଅସୁସ୍ଥ ଅବସ୍ଥାରେ ଥିବା ନାଣ୍ଡୁଙ୍କୁ ସାକ୍ଷାତ କରିଥିଲେ। ସଂଗଠନ ପକ୍ଷରୁ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ପ୍ରଶାସନ ତାଙ୍କର ଚିକିତ୍ସା ପାଇଁ ସହାୟତା ପ୍ରଦାନ କରିବାକୁ ନିବେଦନ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଛତ୍ରପୁର ମହୋତ୍ସବ ଉଦ୍‌ଯାପିତ

ଛତ୍ରପୁର,୮।୧୨(ଡି.ଏନ୍.ଏ.)



ଉପସ୍ଥିତ ଅତିଥି।



ରତୁରାଜ ମହାନ୍ତି।

ଗତ ୫ଦିନ ଧରି ସ୍ଥାନୀୟ ଷ୍ଟାଡିୟମଠାରେ ଚାଲିଥିବା ଛତ୍ରପୁର ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି । ରବିବାର ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷା ସୋନମ ପଲାଇ, ଉପାଧ୍ୟକ୍ଷା ସ୍ନେହଲତା ପଣ୍ଡା, ଛତ୍ରପୁର ବ୍ଲକ ଅଧ୍ୟକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ, ପୂର୍ବତନ ବିଧାୟକ ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଅଶୋକ ଚୌଧୁରୀ, ଏନ୍. ନାରାୟଣ ରେଡ୍ଡୀ, ବିଡିଏର ପୂର୍ବତନ ଅଧ୍ୟକ୍ଷ ସୁବାସ ମହାରଣା, ଅବସରପ୍ରାପ୍ତ ସହକାରୀ ନିର୍ଦ୍ଦେଶକ (ସଂସ୍କୃତି) କୃଷ୍ଣଚନ୍ଦ୍ର ନିଶଙ୍କ, ପ୍ରଫୁଲ୍ଲ ପଟ୍ଟନାୟକ, କଳାବିକାଶ କେନ୍ଦ୍ରର ସଭାପତି ଆର୍. ସି. ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିରଞ୍ଚି ପ୍ରଧାନ ସଂଯୋଜନା କରିଥିଲେ । ଏହି ଅବସରରେ ତାମ୍ପରା ପର୍ଯ୍ୟଟନସ୍ଥଳୀର କେୟାରଟେକର କାଳୁ ଚରଣ ତ୍ରିପାଠୀ, ରାମ ଲୀଳା ପାଇଁ ସାନଖେମୁଣ୍ଡି ବ୍ଲକର ଗୁରୁ ଶ୍ୟାମସୁନ୍ଦର ପାଣିଗ୍ରାହୀ ଓ ସଖିନାଚ ପାଇଁ ଭଞ୍ଜନଗର ବ୍ଲକର ଗୁରୁ କାଳୁ ଚରଣ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲ। କୁକୁଡାଖଣ୍ଡିର ଜି. ହରିବନ୍ଧୁ ଓ ତାଙ୍କ ଗ୍ରୁପ୍ ପକ୍ଷରୁ କୃଷ୍ଣ ଲୀଳା, ନରେନ୍ଦ୍ରପୁରସ୍ଥିତ ଗାୟତ୍ରୀ ଯୁଗଳ ଶଙ୍ଖ ଧ୍ୱନି ପକ୍ଷରୁ ଯୋଡି ଶଙ୍ଖ, ଦିଗପହଣ୍ଡିର ବିଚିତ୍ରା ବର୍ଣ୍ଣାଳି ନାଟ୍ୟ ସଂସଦ ପକ୍ଷରୁ ଘୁଡୁକି ନାଚ, ବ୍ରହ୍ମପୁର ରିୟଲ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ମଡର୍ନ ଡ୍ୟାନ୍ସ, ବ୍ରହ୍ମପୁର ଆରାଧ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସମ୍ବଲପୁରୀ ଡ୍ୟାନ୍ସ, ଛତ୍ରପୁର ଲିଟିଲ୍ ଡାଇମଣ୍ଡ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ମଡର୍ନ ଡ୍ୟାନ୍ସ, ଆର୍ଜେଣ୍ଟିନାର ଆନନ୍ଦିନୀ ଦାସି,ଓ ଅରୁଣ ପ୍ରଧାନଙ୍କ ପକ୍ଷରୁ ଓଡିଶୀ ଡ୍ୟାନ୍ସ, ବ୍ରହ୍ମପୁରର ଅଙ୍ଗାହାର ନୃତ୍ୟାୟନ ପକ୍ଷରୁ ଓଡିଶୀ ନୃତ୍ୟ ଓ ବ୍ରହ୍ମପୁର ରକଷ୍ଟାର ଡ୍ୟାନ୍ସ ଏକାଡେମୀ ପକ୍ଷରୁ ତେଲୁଗୁ ଲୋକ ନୃତ୍ୟ ପରିବେଷଣ ହୋଇଥିଲା। ଶେଷରେ ରତୁରାଜ ମହାନ୍ତି ଓ ତାଙ୍କ ଗ୍ରୁପ୍ ପକ୍ଷରୁ ମେଗା ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଶକ୍ତି ସଂରକ୍ଷଣ ଦିବସରେ କୁଇଜ ପ୍ରତିଯୋଗିତା

ପାରଳାଖେମୁଣ୍ଡି, ୮।୧୨(ସ୍ୱ.ପ୍ର.) ପାରଳାଖେମୁଣ୍ଡିସ୍ଥିତ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ, ସେଣ୍ଟର୍ ଫର୍ ଏନ୍‌ଭାଇରନ୍‌ମେଣ୍ଟ ଷ୍ଟଡି ଓ ଶକ୍ତି ବିଭାଗର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ଜିଲାର ବିଭିନ୍ନ ବ୍ଲକ୍‌ରୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ସେଣ୍ଟ ଯୋଶେଫ୍ ଇଂରାଜୀ ମାଧ୍ୟମ ସ୍କୁଲ୍‌ର ସୁକନ୍ୟା ସାମଲ୍, ନୂଆଗଡ଼ ଏଲ୍.ଏନ୍. ହାଇସ୍କୁଲ୍‌ର ଛାତ୍ରୀ ସୁପ୍ରିୟା ଲିମା, କଇଁପୁର ମହେନ୍ଦ୍ରତନୟା ଆଶ୍ରମ ସ୍କୁଲ୍‌ର ଛାତ୍ର ଚନ୍ଦ୍ର ଶବର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ. ବୃଶକେତୁ ଦାସ ସଭାପତିତ୍ୱ କରିଥିବାବେଳେ ବିଦ୍ୟାଳୟ ଇକୋକ୍ଲବ୍‌ର ଭାରପ୍ରାପ୍ତ ଶିକ୍ଷକ ଡି. ଶ୍ରୀରାମ ମୂର୍ତ୍ତି, କେ. ଡିଲ୍ଲେଶ୍ୱର ରାଓ, ସି.ଏଚ୍. ଭେଙ୍କେଟେଶ୍ୱରଲୁ ପ୍ରମୁଖ ଉପସ୍ଥିତ ଥିଲେ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

ବୁଗୁଡ଼ା,୮।୧୨(ଡି.ଏନ.ଏ.)

ବୁଗୁଡ଼ା ଥାନା ଆମ ପୋଲିସ ସମିତି ଏବଂ ଶ୍ରୀବଳଦେବ ସ୍ୱାମୀ ଘରୋଇ ବସ ମାଲିକ ସଂଘର ମିଳିତ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ବସଷ୍ଟାଣ୍ଡଠାରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଚେତନତା ବୈଠକରେ ଥାନାଧିକାରୀ ଚିତ୍ତରଞ୍ଜନ ବେହେରା ସଭାପତିତ୍ୱ କରିଥିଲେ। ଏସ୍‌ଆଇ ତନୁଶ୍ରୀ ସାହୁ, ଅନିଲ ପଟ୍ଟନାୟକ, ସଭ୍ୟ ଇ. ମଦନ ଗୋପାଳ ଦୋରା, ଘରୋଇ ବସ ମାଲିକ ସଂଘ ସଭାପତି ଭି. ରାଜେନ୍ଦ୍ର ରାଓ ଦୋରା ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା ସହ ଯାନବାହନ ଚଳାଚଳର ବିଭିନ୍ନ ନିୟମ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ସୁରେଶ ଚନ୍ଦ୍ର ଦାଶ ସଂଯୋଜନା କରିଥିଲେ। ଏହି ଅବସରରେ ଆମ ପୋଲିସ ସମିତି ପକ୍ଷରୁ ନିୟମ ମାନି ଗାଡ଼ି ଯାଉଥିବା ଚାଳକଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯାଇଥିବା ବେଳେ ବେନିୟମ ଭାବେ ଚଳପ୍ରଚଳ କରୁଥିବା ଚାଳକଙ୍କୁ ଲିଫଲେଟ ମାଧ୍ୟମରେ ସଚେତନ କରାଯାଇଥିଲା। ଏଥିରେ ଘରୋଇ ବସ ମାଲିକ ସଂଘର ଉପସଭାପତି ବିଳାସ ଚନ୍ଦ୍ର ଆଚାର୍ଯ୍ୟ, ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର, କୋଷାଧ୍ୟକ୍ଷ ଦୀପକ କୁମାର ଦାଶ, ଆମ ପୋଲିସ ସମିତିସଭ୍ୟ ଶରତ ଚନ୍ଦ୍ର ମହାରଣା, କେ. ତ୍ରିଲୋଚନ ଦୋରା, ପ୍ରକାଶ ଚନ୍ଦ୍ର ରଥ, ଖଲି ପରିଡ଼ା, ମନ୍ଦାକିନୀ ସାହୁଙ୍କ ସମେତ ଅନ୍ୟାନ୍ୟ ସଭ୍ୟାସଭ୍ୟ ଯୋଗ ଦେଇଥିଲେ ।

## ଗଣ୍ଡଗୋଳ ଲାଗି ଫାଙ୍କା ଗୁଳିଚାଳନା

ହାଟଡିହୀ, ୮।୧୨(ଡି.ଏନ୍.ଏ.) କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଛେନପଦୀ ଛକରେ ରବିବାର ସନ୍ଧ୍ୟା ପ୍ରାୟ ୬ଟା ସମୟରେ ୨ଜଣ ବ୍ୟକ୍ତି ପରସ୍ପର ମଧ୍ୟରେ ଝଗଡାଲାଗି ଗୁଳିଚାଳନା ପର୍ଯ୍ୟନ୍ତ କଥା ଯାଇଛି । ଖବର ନେବାରୁ ଜଣାଯାଇଛି ଯେ ଘଷିପୁରା ଅଞ୍ଚଳର ୨ଜଣ ବ୍ୟକ୍ତି ସଢା ଅଞ୍ଚଳକୁ ଯାଇଥିଲେ। ସେଠାରୁ ଫେରି ଛେନାପଦୀଠାରେ କୌଣସି କାରଣକୁ ନେଇ ପରସ୍ପର ମଧ୍ୟରେ ଝଗଡା ଲାଗିଥିଲେ । ଏହି ଝଗଡା ଉଗ୍ର ରୂପ ଧାରଣ କରିଥିଲା। ପରେ ବ୍ୟକ୍ତି ଦ୍ୱୟ ପରସ୍ପର ମଧ୍ୟରେ ଗୁଳିଚାଳନା କରିଥିଲେ। ଗୁଳି ଶବ୍ଦ ଶୁଣି ଲୋକମାନେ ଉଭୟଙ୍କୁ ଧରି ନିସ୍ତୁକ ମାଡ ମାରିଥିଲେ । ନନ୍ଦିପଦା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ଥାନାକୁ ନେଇ ଅଟକ ରଖି ପଚରାଉଚରା ଚଳାଇଛି । ସେମାନେ ବ୍ୟବହାର କରିଥିବା ୪ଚକିଆ ଗାଡିକୁ ପୋଲିସ ଅଟକ ରଖିଛି । ଘଟଣାର ଅଧିକ ତଦନ୍ତ ଚାଲିଛି ବୋଲି ପୋଲିସ କହିଛି।

## ବିଜୁ ଯୁବ ବାହିନୀର ସଫେଇ



ଯୁବବାହିନୀ ସଦସ୍ୟମାନେ ସଫେଇ କରୁଛନ୍ତି

ବେଗୁନିଆପଡ଼ା,୮।୧୨(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକ ତାଳସର ଗ୍ରାମରେ ଶନିବାର ବିଜୁ ଯୁବ ବାହିନୀ ସମ୍ପାଦକ ବୁଲୁ ଭୂୟାଁଙ୍କ ନେତୃତ୍ୱରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ବାହିନୀ ସଦସ୍ୟ ଓ ପୂର୍ବତନ ସରପଞ୍ଚ ପଦ୍ମ ଚରଣ ସ୍ୱାଇଁ, ପୂର୍ବତନ ସମିତିସଭ୍ୟ ବୁଲା ଜେନା ଯୋଗଦେଇ ପରିବେଶ ସଫା ରଖିବା ଦ୍ୱାରା ସମାଜର ଉପକାରିତା ଉପରେ ଆଲୋଚନା କରିଥିଲେ। ଏଥିସହ ଗ୍ରାମର ଚତୁଃପାର୍ଶ୍ୱ ସଫେଇ କରାଯାଇଥିଲା। ଏଥିରେ ବିଘ୍ନେଶ୍ୱର ଜେନା, ସଞ୍ଜୟ ସାହୁ, ପବିତ୍ର ସାମନ୍ତରାୟ, ରାକେଶ ଜେନାଙ୍କ ସମେତ ବହୁ ବିଜୁ ଯୁବ ବାହିନୀ ସଦସ୍ୟ ଯୋଗ ଦେଇଥିଲେ।

# ସ୍କୁଲ, ଅଙ୍ଗନୱାଡି ପରିଦର୍ଶନ କଲେ ଉପଜିଲାପାଳ

ଚମ୍ପୁଆ, ୮।୧୨(ଡି.ଏନ.ଏ)

ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରତିମୟ ଶନିବାର ଅଚାନକ ଚମ୍ପୁଆ ଅଙ୍ଗନୱାଡି ୩ ଓ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଖବର ଅନୁସାରେ ଉପଜିଲାପାଳ ଶନିବାର ମଧ୍ୟାହ୍ନ ୧୨ଟାରେ ନିଜ କାର୍ଯ୍ୟାଳୟରୁ ବାହାରି ନିକଟସ୍ଥ ଅଙ୍ଗନୱାଡି ପରିଦର୍ଶନ କରିବା ସହିତ ପିଲାଙ୍କ ଖାଦ୍ୟ ପ୍ରସ୍ତୁତି, ରୋଷେଇ ଗୃହ, ଉପସ୍ଥାନ ଓ ପରିବେଶର ସ୍ୱଚ୍ଛତା ତଦାରଖ କରିଥିଲେ। ଉପୁଜୁଥିବା ଅବ୍ୟବସ୍ଥାକୁ ତୁରନ୍ତ ସମାଧାନ କରିବା ପାଇଁ ତାଗିଦ କରିବା ପରେ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଯାଇ ସେଠାରେ ଶିକ୍ଷାବ୍ୟବସ୍ଥା, ଛାତ୍ରଙ୍କ ଉପସ୍ଥାନ ଆଦି ଯାଞ୍ଚ କରିବା ଏବଂ ଅନୁପସ୍ଥିତ ରହିଥିବା ଶିକ୍ଷୟିତ୍ରୀଙ୍କ ଛୁଟି ଦରଖାସ୍ତ ଦେଖିଥିଲେ। ବିଦ୍ୟାଳୟରେ କମୁଥିବା ଉପସ୍ଥାନକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହିତ ଅସୁରକ୍ଷିତ ଶ୍ରେଣୀଗୃହକୁ ପିଲାମାନେ ଯେପରି ନ ଯାଆନ୍ତି ସେଥିପାଇଁ ଶିକ୍ଷୟିତ୍ରୀଙ୍କୁ ତାଗିଦ କରିଥିଲେ।

## ଲର୍ଣ୍ଣିଂ ଲାଇସେନ୍ସ କ୍ୟାମ୍ପ ଖୋଲିଲା

ଚମ୍ପୁଆ, ୮।୧୨(ଡି.ଏନ.ଏ.) ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଠାରେ ଗାଡିଚଳାଇବା ପାଇଁ ଆବଶ୍ୟକ ଲର୍ଣ୍ଣିଂ ଲାଇସେନ୍ସ ପାଇଁ ପରିବହନ ବିଭାଗ କେନ୍ଦୁଝର ପକ୍ଷରୁ ଏକ କ୍ୟାମ୍ପ ରବିବାରଠାରୁ ଆରମ୍ଭ କରାଯାଇଛି। କେନ୍ଦୁଝର ଆରଟିଓ ନିର୍ମଳ ମହାନ୍ତି, ଏଆରଟିଓ ବଡବିଲ ମାନସ ସାହୁ, ଅତିରିକ୍ତ ଆରଟିଓ ହେମେନ୍ଦ୍ର ନାଥ ନାଏକ, ରାଜେଶ କୁମାର ମହାପାତ୍ର, ସନ୍ତୋଷ କୁମାର ପତିଙ୍କ ସହ ଅନ୍ୟ କର୍ମଚାରୀ ଉପସ୍ଥିତ ରହିଥିଲେ। ଏହି କ୍ୟାମ୍ପ ଚଳିତ ମାସ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି। ୧୨ ତରିଖରେ ଉକ୍ତ ମହାବିଦ୍ୟାଳୟ ଠାରେ ଟ୍ରକ, ବସ, ଟ୍ରାକ୍ଟର ମାଲିକ ସଂଘ, ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ରଙ୍କୁ ନେଇ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆରଟିଓ ସୂଚନା ଦେଇଛନ୍ତି।

## ମୋ ଗୋପାଳପୁର ସାଂସ୍କୃତିକ କାର୍ଯ୍ୟକ୍ରମ



ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

ଗୋପାଳପୁର,୮।୧୨

ଗୋପାଳପୁର ବେଳାଭୂମିକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ଜିଲା ପ୍ରଶାସନ ଓ ଗୋପାଳପୁର ଏନ୍‌ଏସି ପକ୍ଷରୁ ପ୍ରୟାସ ଜାରିରହିଛି। ଏହିପରିପ୍ରେକ୍ଷୀରେ ରବିବାର ସନ୍ଧ୍ୟାରେ ୧୪ଶ ମୋ ଗୋପାଳପୁର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋପାଳପୁର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀ ଅଧ୍ୟକ୍ଷତା କରି ସ୍ୱଚ୍ଛତା ଓ ପ୍ଲାଷ୍ଟିକ, ପଲିଥିନ ବ୍ୟବହାର ନ କରିବାକୁ ସଚେତନ କରାଇଥିଲେ। ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ର ଓ ଶ୍ରଦ୍ଧାସଞ୍ଜିବନୀ ଅନ୍ତେବାସୀମାନଙ୍କ ଦ୍ୱାରା ନୃତ୍ୟ ଓ ଗୀତ ପରିବେଷଣ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଭଳି କାର୍ଯ୍ୟକ୍ରମ ପ୍ରତ୍ୟେକ ରବିବାର ଅନୁଷ୍ଠିତ ହେଉଥିବା ବେଳେ ମତ୍ସ୍ୟଜୀବୀ ସଂଘର ସଭାପତି, ସମ୍ପାଦକ, ବୁଦ୍ଧିଜୀବୀ, ବହୁ ଦର୍ଶକ ଓ ପର୍ଯ୍ୟଟକ ଉପସ୍ଥିତ ଥିଲେ।

### ୨୦ରୁ ରାଜ୍ୟସ୍ତରୀୟ ପରିବେଶ କଂଗ୍ରେସ: ଯୋଗଦେବେ ୫୦ ପ୍ରତିନିଧି

# ପରିବେଶ ଅବକ୍ଷୟ ନେଇ ଉଦ୍‌ବେଗ

କେନ୍ଦୁଝର, ୮।୧୨(ସ୍ୱ.ପ୍ର.)

ଚଳିତ ମାସ ୨୦ତାରିଖଠାରୁ ୨୨ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଠାରେ ହେବାକୁ ଥିବା ଓଡ଼ିଶା ପରିବେଶ କଂଗ୍ରେସର ୧୦ତମ ଅଧିବେଶନ ଅନୁଷ୍ଠିତହେବ। ଖଣି ଓ ପରିବେଶକୁ ନେଇ ଏଥିରେ ବିଷୟବସ୍ତୁ ରଖାଯାଇଛି। ଏହି ଉପଲକ୍ଷେ କେନ୍ଦୁଝରର ସହିଦ ଭବନରେ ରବିବାର କେନ୍ଦୁଝରର ପରିବେଶ ଉପରେ ଖଣିର ପ୍ରଭାବ ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝରରୁ ୫୦ଜଣ ପ୍ରତିନିଧି ଓଡ଼ିଶା ପରିବେଶ କଂଗ୍ରେସରେ ଯୋଗଦେବା ପାଇଁ ଏହି କର୍ମଶାଳାରେ ନିଷ୍ପତ୍ତି ହୋଇଛି। କେନ୍ଦୁଝର ସିଟିଜେନ ଫୋରମର ସଭାପତି କିରଣ ଶଙ୍କର ସାହୁ, ପ୍ରକଳ୍ପର ପ୍ରତିଷ୍ଠାତା ବିପ୍ଳବ ମିଶ୍ର ଏବଂ ସୋନା କାରୋ ବଞ୍ଚାଅ ଆନ୍ଦୋଳନର ଅଶୋକ ଠାକରଙ୍କ ଆହ୍ୱାନରେ ଅନୁଷ୍ଠିତ ଏହି କର୍ମଶାଳାରେ ଓଡ଼ିଶା ପରିବେଶ କଂଗ୍ରେସର କାର୍ଯ୍ୟକାରୀ ସମ୍ପାଦକ ସୁଦର୍ଶନ ଦାସ, ହିନ୍ଦୁସ୍ତାନ ଟାଇମସର ପୂର୍ବତନ ସମ୍ପାଦକ ରାଜେଶ ମହାପାତ୍ର ନାବାର୍ଡର ପୂର୍ବତନ ସିଜିଏମ ବିଭିଷଣ ନାୟକ ପ୍ରମୁଖ ଯୋଗଦେଇ କେନ୍ଦୁଝର ପରିବେଶ ଉପରେ ଖଣିର ପ୍ରଭାବର ବିଭିନ୍ନ ଦିଗ ବିଷୟରେ ଆଲୋଚନା କରିଥିଲେ। କେନ୍ଦୁଝରରେ ଆଉ ନୂଆ ଖଣି ବ୍ଲକକୁ ଏଥିରେ ତୀବ୍ର ବିରୋଧ କରାଯିବା ସହ ଆସନ୍ତା ମାର୍ଚ୍ଚରେ ସରୁଥିବା ଖଣି ଲିଜ ଗୁଡ଼ିକୁ ଯେତେ ପର୍ଯ୍ୟନ୍ତ ଆବଶ୍ୟକୀୟ ଭିତ୍ତିଭୂମି ଏବଂ ପରିବେଶକୁ ସଂରକ୍ଷିତ କରାଯାଉଛି। ସେତେ ପର୍ଯ୍ୟନ୍ତ ସେଗୁଡ଼ିକ ଲିଜ ନ ଦେବା ପାଇଁ ସ୍ୱର ଉତ୍ତୋଳନ କରାଯିବାର ନିଷ୍ପତ୍ତି ହୋଇଛି। ଏହା ସହିତ ବୈତରଣୀ ସମେତ ସମସ୍ତ ନଦୀ ଝରଣା ଗୁଡ଼ିକର ପାଣିକୁ ଲୁହାପଥର ପରିବହନ ପାଇଁ ବ୍ୟବହାର ନ କରିବା ପାଇଁ ଦାବି କରାଯାଇଛି।

# ନୂତନ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ

ହାଟଡିହୀ,୮।୧୨(ଡି.ଏନ୍.ଏ.)



କେନ୍ଦୁଝର ଜିଲା ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ ହାଟଡିହୀ ବ୍ଲକ କଣ୍ଟିଗଡିଆଠାରେ ନୂତନ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ସହ ଶୁଭ ଉଦ୍‌ଘାଟନ କରିଥିଲେ। ପନ୍ଦାଡୋ ପଞ୍ଚାୟତର କଣ୍ଟିଗଡିଆ ଠାରୁ ତେନ୍ତୁଳିପଦି ରାସ୍ତାର ଉନ୍ନତିକରଣ ନିମନ୍ତେ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ୩ କି.ମି. ରାସ୍ତା ନିର୍ମାଣ ପାଇଁ ୧କୋଟି ୫୮ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ଏହି ସମୟରେ ବିଜେଡି ଜିଲା ସଭାପତି ବିମ୍ବାଧର ବିଶ୍ୱାଳ, ଆନନ୍ଦପୁର ଏମ୍‌ପିଙ୍କ ପ୍ରତିନିଧି ଶାନ୍ତନୁ ସେଠୀ, ବରିଷ୍ଠ ବିଜେଡି କର୍ମୀ ବୁଦ୍ଧଦେବ ଜେନା, ଯୋଗେନ୍ଦ୍ର ବେହେରା, ଯନ୍ତ୍ରୀ ଦାଶରଥି ସେଠୀ,ଏସ୍‌ଡିଓ ସୁବଳ ପଣ୍ଡା ,ମୁନା ସାମଲ,ପନ୍ଦଡୋ ସରପଞ୍ଚ ଅନିରୁଦ୍ଧ ବେହେରା, କହ୍ନେଇ ଓଝା, ଧବଳ ପଟ୍ଟନାୟକ, ସୁଧାକର ଓଝା, ଠିକାଦାର ରବୀନ୍ଦ୍ର ସାହୁ, ମଦନ ଦାସ, ଭୀମ ପେରେଇ, ପ୍ରଦୀପ ଜେନା ପ୍ରମୁଖ ଭିତ୍ତିପ୍ରସ୍ତର ସ୍ଥାପନ ସମୟରେ ଉପସ୍ଥିତ ଥିଲେ କରାଯିବବୋଲି ଜଣାପଡିଛି। ଏହି ରାସ୍ତା ଉପରେ ୭ରୁ ୮ ପଞ୍ଚାୟତର ଲୋକ ନିର୍ଭର କରନ୍ତି।

### ସରପଞ୍ଚ ସଂଘର ପରିବର୍ଦ୍ଧିତ ଆଲୋଚନା ସଭା

# ଆଙ୍ଗୋରଡ଼ା ସରପଞ୍ଚଙ୍କ ନିଲମ୍ବନ ପ୍ରତ୍ୟାହାର ଦାବି

ଦିଗପହଣ୍ଡି,୮।୧୨(ଡି.ଏନ.ଏ.)

**ବାଚସ୍ପତି, ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ଭେଟିବାକୁ ନିଷ୍ପତ୍ତି**

ଦିଗପହଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀ କୁକୁଡ଼ାଖଣ୍ଡି ଓ ଦିଗପହଣ୍ଡି ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ପରିବର୍ଦ୍ଧିତ ଆଲୋଚନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟନ କ୍ଷେତ୍ର ମହୁରିକାଲୁଆ ପୀଠରେ ଆୟୋଜିତ ସଭାରେ ଦିଗପହଣ୍ଡି ବ୍ଲକ ସରପଞ୍ଚ ସଂଘ ସଭାପତି କେ.ହରିବନ୍ଧୁ ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, କୁକୁଡ଼ାଖଣ୍ଡି ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର, ବ୍ରହ୍ମପୁର ପାଇକାରୀ ସମବାୟ ଭଣ୍ଡାର ସଭାପତି ସୁଧୀର କୁମାର ରାଉତ, ବିଧାୟକ ପ୍ରତିନିଧି ସନ୍ତୋଷ କୁମାର ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଦିଗପହଣ୍ଡି ବ୍ଲକ ଆଙ୍ଗୋରଡା ସରପଞ୍ଚ ଉସାନ୍ତ କୁମାର ସାହୁଙ୍କ କୌଣସି ତ୍ରୁଟି ନ ଥାଇ ରାଜ୍ୟ ପଞ୍ଚାୟତରାଜ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଥିବାରୁ ସଭାରେ ନିନ୍ଦା କରାଯାଇଥିଲା। ତେଣୁ ସରପଞ୍ଚଙ୍କ ନିଲମ୍ବନ ପ୍ରତ୍ୟାହାର ଦାବି କରାଯାଇଛି। ଏଥିପାଇଁ ସ୍ଥାନୀୟ ବିଧାୟକ ତଥା ବାଚସ୍ପତି ଡ.ସୂର୍ଯ୍ୟନାରାୟଣ ପାତ୍ର ଏବଂ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ସୋମବାର ସାକ୍ଷାତ୍ କରି ସ୍ମାରକପତ୍ର ପ୍ରଦାନ ଲାଗି ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ କରାଯାଇଥିଲା। ତ୍ରିସ୍ତରୀୟ ପଞ୍ଚାୟତି ରାଜ ବ୍ୟବସ୍ଥାର କାର୍ଯ୍ୟକୁ ବ୍ୟାପକ ଓ ଲୋକାଭିମୁଖୀ କରିବା ପାଇଁ ସମ୍ବିଧାନର ଏକାଦଶ ଅନୁସୂଚୀରେ ୨୯ ବିଷୟ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି। ଉକ୍ତ କ୍ଷମତା ଗୁଡ଼ିକୁ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି, ତଥା ଜିଲା ପରିଷଦ କାର୍ଯ୍ୟକାରୀ କରିପାରିବ। କ୍ଷମତା ଗୁଡ଼ିକ ହେଲା କୃଷି ଓ କୃଷକଙ୍କ ଉନ୍ନତି, ଭୂ ସଂସ୍କାର, କ୍ଷୁଦ୍ର ଜଳସେଚନ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ସାମାଜିକ ବନୀକରଣ, ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ, ବିଦ୍ୟାଳୟ ଶିକ୍ଷା, ମହିଳା ଓ ଶିଶୁଙ୍କ ବିକାଶ ପାଇଁ ଯୋଜନା ଆଦି। ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ, ବିଭୂତି ଭୂଷଣ ମହାପାତ୍ର, ରବିନାରାୟଣ ପାଢ଼ୀ, ସମିତିସଭ୍ୟ ଶିବରାମ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରାଜେନ୍ଦ୍ର ଦୋରା, ପ୍ରତିନିଧି ରବିଚନ୍ଦ୍ର ଗୌଡଙ୍କ ସମେତ କୁକୁଡ଼ାଖଣ୍ଡି ବ୍ଲକ ଅଧୀନ ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ଜିଲା ପରିଷଦ ସଦସ୍ୟ ବୃନ୍ଦ ଉପସ୍ଥିତ ଥିଲେ।

# ଗଞ୍ଜେଇ କାରବାରରେ ନେତାଙ୍କ ଲିଙ୍କ୍

## ■ ସୋସିଆଲ ମିଡିଆରେ ଘୂରିବୁଲୁଛି ଫଟୋ

ଜୟପୁର,୮।୧୨(ଡି.ଏନ୍.ଏ.)

କୋରାପୁଟ ଜିଲାର କେତେକ ନେତାଙ୍କ ସହ ଗଞ୍ଜେଇ ମାଫିଆଙ୍କ ସମ୍ପର୍କକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଗଞ୍ଜେଇ ଚାଲାଣରେ ହାତ ମିଳାଇ ଟଙ୍କା ଉପାର୍ଜନ କରିବା କେତେକ ସ୍ୱାର୍ଥନ୍ୱେଷୀ ରାଜନେତାଙ୍କ ମୁଖ୍ୟ ପନ୍ଥା ପାଲଟିଥିବା ଅଭିଯୋଗ ଉଠିଛି। ଏପରିକି ଚାଲାଣ ବେଳେ ଗିରଫ ଅଭିଯୁକ୍ତଙ୍କ ସହ ରାଜନେତାଙ୍କ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଉଲ୍ଲେଖଯୋଗ୍ୟ, ଗତ ୨୮ ତାରିଖରେ ଜୟପୁର-ମାଲକାନଗିରି ଜାତୀୟ ରାଜପଥ ଖୁଢ଼ୁପି ଛକରୁ ଗଞ୍ଜେଇ ବୋଝେଇ ଟ୍ରକ୍ ଓ ବୋଲେରୋ ଜବତ କରିଥିଲା ଜୟପୁର ସଦରଥାନା। ଉଭୟ ଗାଡ଼ିରୁ ସମୁଦାୟ ୪୦୮ କିଲୋ ୯୦୦ ଗ୍ରାମ ଗଞ୍ଜେଇ ମିଳିଥିଲା ଓ ୬ ଜଣଙ୍କୁ ଗିରଫ କରାଯାଇଥିଲା। ସେଥିରୁ ଅନ୍ୟତମ ହେଉଛନ୍ତି ଭଟାଛିଁଅ ଗ୍ରାମର ସୁଜିତ ମହାନ୍ତି। ସେ ଏକ ଜାତୀୟସ୍ତରୀୟ ରାଜନୈତିକ ଦଳର ବୁଥ୍ ସଭାପତି। ଗତ ନିର୍ବାଚନରେ ଡଙ୍ଗରଛିଁଅ ପଞ୍ଚାୟତର ମୁଖ୍ୟ କାର୍ଯ୍ୟକର୍ତ୍ତା ଥିବାବେଳେ ସେ ବିଧାୟକ ପ୍ରାର୍ଥୀଙ୍କ ସହ ଥିବା ଫଟୋ ମଧ୍ୟ ଏବେ ସୋସିଆଲ ମିଡିଆରେ ଘୂରି ବୁଲୁଛି। ଅନ୍ୟପକ୍ଷରେ ଗତ ଶନିବାର ମାଛକୁଣ୍ଡ ଥାନା ଅଞ୍ଚଳରେ ଗୋଟିଏ ଗାଡ଼ିରୁ ୪୫୦ କେଜି ଗଞ୍ଜେଇ ମିଳିଥିଲା। ସେହି ଗାଡ଼ିଟି ଜୟପୁର ସଦରଥାନା ବାରିଣିପୁଟ ଅଞ୍ଚଳର ଜଣେ ରାଜନେତାଙ୍କ ଦାମୀ କାର୍। ରାଜନେତା ଜଣକ ମଧ୍ୟ ଚାଲାଣ ବେଳେ ଗାଡ଼ିରେ ଥିବାବେଳେ ପୋଲିସକୁ ଚକ୍ମା ଦେଇ ଘଟଣାସ୍ଥଳରୁ ଖସିଯାଇଥିଲେ। ପୋଲିସ ତାଙ୍କୁ ଜାଣିଶୁଣି ଖସାଇ ଦେଇଥିବା ମଧ୍ୟ ଚର୍ଚ୍ଚା ହେଉଛି। ସେ ଏକ ଜାତୀୟ ଦଳରୁ କୋରାପୁଟ ବିଧାୟକ ଟିକେଟ ପାଇଁ ଆଶାୟୀ ରହିଥିଲେ। କିନ୍ତୁ ଟିକେଟ ନ ମିଳିବାରୁ ବିଦ୍ରୋହ କରି ଅନ୍ୟ ଏକ ରାଜ୍ୟସ୍ତରୀୟ ଦଳରେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ରୋଗାକ୍ରାନ୍ତ ସିଙ୍ଗୁରୁଙ୍କୁ ସହାୟତା ଦାବି



ଦଶମନ୍ତପୁର,୮।୧୨(ଡି.ଏନ୍.ଏ.): ଦଶମନ୍ତପୁର ବ୍ଲକ ଲୁଲ୍ଲା ପଞ୍ଚାୟତରେ ଥିବା ଦୋଲଦୋଲା ଗ୍ରାମର ଜଣେ ବୃଦ୍ଧ ଅଜଣା ରୋଗରେ ଦୀର୍ଘ ବର୍ଷ ହେବ ଜୀବନ କାଟୁଛନ୍ତି। ସେ ହେଲେ ସିଙ୍ଗୁରୁ ସାଉନ୍ତା (୬୧)। ସ୍ତ୍ରୀ ସାଦାଇ ଓ ୩ ଝିଅ, ୩ ପୁଅକୁ ନେଇ ତାଙ୍କର ସଂସାର। ପିଲାମାନଙ୍କ ଭିତରୁ ୪ ଜଣଙ୍କ ବିବାହ ସରିଛି। ସପ୍ତମ ଶ୍ରେଣୀରେ ପଢୁଥିବା ସାନ ପୁଅ ଘନ ଓ ଝିଅ ନମିତା (୧୭) ବର୍ତ୍ତମାନ ସିଙ୍ଗୁରୁଙ୍କ ପାଖରେ ରହୁଛନ୍ତି। ସିଙ୍ଗୁରୁଙ୍କ ଆଣ୍ଠୁରେ ପ୍ରଥମେ ଯାଦୁ ଭଳି କିଛି ବାହାରିଥିଲା। ପରେ ତାହା ଫୁଲିଯାଇ ଘା' ହେବା ସହ ଫାଟିବାକୁ ଲାଗିଲା। ସେଠାରୁ ଏବେ ଚମଡ଼ା ଖସିବାକୁ ଲାଗିଲାଣି। ଏଭଳି ରୋଗ ପାଇଁ ସେ କେଉଁଆଡ଼େ କାମକୁ ଯାଇ ନ ପାରି ଘରେ ରହୁଛନ୍ତି। ନିଜ ସହ ପିଲାଙ୍କ ପେଟକୁ ଦିଓଳି ଖାଇବା ପାଇଁ ମିଳିବା ଏବେ କଷ୍ଟକର ହୋଇପଡ଼ିଲାଣି। ସରକାରଙ୍କ ବିପିଏଲ ଚାଉଳ ହିଁ ଏକମାତ୍ର ଭରସା। ଚିକିତ୍ସା ପାଇଁ ଜିଲା ଡାକ୍ତରଖାନାକୁ ଯାଇଥିବା ବେଳେ ଅର୍ଥ ନ ଥିବାରୁ ସେ ଘରକୁ ଫେରିଆସିଥିଲେ। ସିଙ୍ଗୁରୁଙ୍କ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟ ବିଭାଗ ସହାୟତା ଦେବା ପାଇଁ ଦାବି କରିଛନ୍ତି ଗ୍ରାମବାସୀ।

### ଦ୍ୱାରଶୁଣି ଘାଟିରେ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ



ବାଙ୍ଗିରିପୋଷି,୮।୧୨(ଡି.ଏନ୍.ଏ.): ବାଙ୍ଗିରିପୋଷି ଥାନା ଅଧୀନ ୪୯ ନଂ.ଜାତୀୟ ରାଜପଥର ଦ୍ୱାରଶୁଣି ଘାଟିରେ ଏକ ଟ୍ରକ ଦୁର୍ଘଟଣଗ୍ରସ୍ତ ହୋଇଛି। ବିପଦ ଦେଖି ଡ୍ରାଇଭର ଟ୍ରକରୁ ଡେଇଁ ପଡ଼ିବାରୁ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଯୋଡାରୁ ହଳଦିଆ ଅଭିମୁଖେ ଲୁହାପଥର ବୋଝେଇ କରି ଯାଉଥିବା ଏହି ଟ୍ରକଟି ଘାଟିର ଏକ ବାଙ୍କ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବର ପାଇ ବାଙ୍ଗିରିପୋଷି ପୋଲିସ ଘଟଣାସ୍ଥଳରେ ପହଞ୍ଚି କ୍ରେନ ସାହାଯ୍ୟରେ ଦୁର୍ଘଟଣାଗ୍ରସ୍ତ ଟ୍ରକକୁ ହଟାଇ ଥିଲା।

### ବଳାତ୍କାର ପୀଡ଼ିତା ଅଧାପିକାଙ୍କ ଆତ୍ମହତ୍ୟା ଘଟଣା
### ଆଉ ଜଣେ ଅଭିଯୁକ୍ତ କୋର୍ଟ ଚାଲାଣ

ରାଇରଙ୍ଗପୁର,୮।୧୨(ଡି.ଏନ୍.ଏ.): ଗତ ସପ୍ତାହ ତଳେ ରାଇରଙ୍ଗପୁର ଅଞ୍ଚଳର ଏକ କଲେଜର ଜଣେ ବଳାତ୍କାର ପୀଡ଼ିତା ଅଧାପିକାଙ୍କ ଆତ୍ମହତ୍ୟା ମାମଲାରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଟାଉନଥାନା ପୋଲିସ ଗିରଫ ପରେ ରବିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ଶିବନାରାୟଣପୁର ଗ୍ରାମର ରାଜେଶ ସାହୁ। ଅଧାପିକାଙ୍କ ଆତ୍ମହତ୍ୟା ଘଟଣାରେ ଟାଉନ ଥାନା ପୋଲିସ ଏକ ମାମଲା (ନଂ.୧୫୪/୧୯) ରୁଜୁ କରି ତଦନ୍ତ ଜାରି ରଖିଥିଲା। ପୂର୍ବରୁ ୨ ଜଣ ଅଭିଯୁକ୍ତ ଝାରପୋଖରିଆ ଥାନା ଅଧୀନ ପାନ୍ଧଡ଼ା ଗ୍ରାମର ଦେବବ୍ରତ ମଣ୍ଡଳ ଓ ସୁଜିତ କୁମାର ମଣ୍ଡଳଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଝାରପୋଖରିଆ ଥାନା ପୋଲିସ ପକ୍ଷରୁ ମାମଲା(ନଂ.୧୨୫/୧୯)ରେ ବଳାତ୍କାର ଅଭିଯୁକ୍ତ ସୌମ୍ୟରଞ୍ଜନ ସାହୁଙ୍କୁ ଯାଜପୁର ଜିଲା ଅଞ୍ଚଳରୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଉକ୍ତ ମାମଲାରେ ପୋଲିସ ମୋଟ ୪ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କୁଳିଅଣା,୮।୧୨(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅଧୀନ ପୁରୁଣାପାଣି ପଞ୍ଚାୟତର ଆମ୍ବପୁଞ୍ଜା ଗ୍ରାମ ନିକଟସ୍ଥ ରାସ୍ତା କଡ଼ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣକ ମସ ମୁର୍ମୁ (୧୯) ଓ ତାଙ୍କ ଘର ସ୍ଥାନୀୟ ବଳରାମପୁର ଗ୍ରାମରେ ବୋଲି ଜଣାପଡ଼ିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ଥାନା ଏଏସଆଇ ହରିଶ ଚନ୍ଦ୍ର ରାୟ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଆରଏମ ମେଡିକାଲକୁ ପଠାଇଛନ୍ତି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୯/୧୯) ରୁଜୁ ହୋଇଛି।

# ଜଙ୍ଗଲଜମିରୁ ଉତ୍ପାଦିତ ମାଣ୍ଡିଆ ମଣ୍ଡିରେ ବିକ୍ରି ପାଇଁ ସଚେତନତା



ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

ଜୟପୁର,୮।୧୨(ଡି.ଏନ୍.ଏ.)

କୋରାପୁଟ ଜିଲାରେ ଚାଷୀଙ୍କ ଉତ୍ପାଦିତ ମାଣ୍ଡିଆ କିଣିବା ପାଇଁ ସରକାର ମଣ୍ଡି ବ୍ୟବସ୍ଥା କରିଛନ୍ତି। ଚଳିତ ବର୍ଷ ଜୟପୁର ଉପଖଣ୍ଡର ଡଙ୍ଗରଛିଁଅ ଓ କୋରାପୁଟ ଉପଖଣ୍ଡର ଡୁମୁରିପୁଟରେ ମଣ୍ଡି ବସିବ। ଚାଷୀମାନେ ନିଜସ୍ୱ ଜମିରେ ଚାଷ କରିବା ସହ ବିଭିନ୍ନ ଡଙ୍ଗରଜମିରେ ମାଣ୍ଡିଆ ଚାଷ କରିଥାଆନ୍ତି । କିନ୍ତୁ ଏହାକୁ ବିକ୍ରି କରିବା ପାଇଁ ସରକାର ସୁବିଧାରୁ ବଞ୍ଚିତ ରହୁଛନ୍ତି । ଚାଷୀମାନେ କିଭଳି ଏହାକୁ ମଣ୍ଡିରେ ବିକି ଉଚିତ୍ ମୂଲ୍ୟ ପାଇପାରିବେ, ସେନେଇ ଏକ ସଚେତନତା କାର୍ଯ୍ୟକ୍ରମ ଜୟପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏଥିରେ ଜୟପୁର କ୍ରୟକାରୀ ସଂସ୍ଥା ଟିଡିସିସି ମ୍ୟାନେଜର ଗଙ୍ଗାଧର ମହାନ୍ତି ଯୋଗଦେଇ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଏବଂ ପିଇଓଙ୍କୁ ସଚେତନ କରିଥିଲେ। ଏଥିରେ ବିଡିଓ ସୂରଜ ପଟ୍ଟନାୟକ, ଉପାଧ୍ୟକ୍ଷ ଈଶ୍ୱର ବାଘ, ଜିପିଓ କ୍ଷୀତିଶ ଦାଶ, ପିଇଓ ଅମ୍ବିକା ପାଢ଼ୀ, ସରପଞ୍ଚ ତ୍ରିନାଥ ଜାନୀ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଗତ ବର୍ଷ ୮୯୦୦ କୁଇଣ୍ଟାଲ ମାଣ୍ଡିଆ କିଣାଯାଇଥିବା ବେଳେ ଚଳିତବର୍ଷ ୨୫୦୦୦ କୁଇଣ୍ଟାଲ ମାଣ୍ଡିଆ କିଣା ପାଇଁ ଟାର୍ଗେଟ୍ ରଖାଯାଇଛି। କିଲୋଗ୍ରାମ ପିଛା ୩୧ ଟଙ୍କା ୫୦ ପଇସାରେ କିଣାଯିବ। ଚାଷୀଙ୍କ ନାଁ ଅନଲାଇନରେ ପଞ୍ଜିକୃତ ହେବା ସହ ଜମାଖାତାରେ ଅନଲାଇନ ମାଧ୍ୟମରେ ଟଙ୍କା ଜମାହେବ ବୋଲି ମ୍ୟାନେଜର ମହାନ୍ତି କହିଛନ୍ତି।

# ଛାତ୍ରୀଙ୍କୁ ଅପହରଣ ପରେ ବଳାତ୍କାର: ଯୁବକ ଗିରଫ

ଜୟପୁର,୮।୧୨(ନି.ପ୍ର.)

ଜଣେ ଯୁକ୍ତ ୨ ଛାତ୍ରୀଙ୍କୁ ଅପହରଣ ପରେ ବଳାତ୍କାର କରାଯିବା ମାମଲାରେ ନବରଙ୍ଗପୁର ଜିଲାର ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଚିନା କିର୍ଷାନ ହିଆଲ (୧୯)। ଗତ ୫ ତାରିଖରେ ଛାତ୍ରୀ ଜଣକ କଲେଜ ଯାଉଥିବା ବେଳେ ଅଭିଯୁକ୍ତ ଜଣକ ତାଙ୍କୁ ଅପହରଣ କରିନେଇଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକେ ଟାଉନ ଥାନାରେ ଲିଖିତ ଏତଲା ଦେଇଥିଲେ। ଏହାପରେ ପୋଲିସ ତଦନ୍ତ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିଥିଲା। ଉଭୟଙ୍କ ଡାକ୍ତରୀ ମାଇନା ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉଦ୍ଧାର ପରେ ଛାତ୍ରୀଙ୍କୁ ତାଙ୍କ ପରିବାର ଲୋକଙ୍କ ଜିମା ଦିଆଯାଇଛି।

# ଅପହୃତା ନାବାଳିକା ଉଦ୍ଧାର

ବଡ଼ସାହି,୮।୧୨(ସ୍ୱ.ପ୍ର.)

ବଡ଼ସାହି ଥାନା ଅଞ୍ଚଳରୁ ନଭେମ୍ବର ୨୪ତାରିଖରେ ଅପହୃତା ଜଣେ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିବା ସହ ଅପହରଣକାରୀ ଯୁବକଙ୍କୁ କାବୁ କରିଛି। ଅଷ୍ଟମ ଶ୍ରେଣୀରେ ପଢୁଥିବା ଉକ୍ତ ନାବାଳିକାଙ୍କ ସନ୍ଧାନ ଲାଗି ତାଙ୍କ ପିତାମାତା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଚୁପ ବସିପଡ଼ିବାରୁ ନାବାଳିକାଙ୍କ ପରିବାର ଲୋକେ ଏସ୍‌ପିଙ୍କୁ ଭେଟି ନ୍ୟାୟ ପାଇଁ ନିବେଦନ କରିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶରେ ପୋଲିସ ମୋବାଇଲ ଟ୍ରାକିଂ କରି ଅଭିଯୁକ୍ତ ତାମିଲନାଡୁର ଏକ ସହରରେ ଆତ୍ମଗୋପନ କରିଥିବା ଜାଣିବାକୁ ପାଇଥିଲେ। ପରେ ପୋଲିସ ଟିମ ସେଠାକୁ ଯାଇ ଅଭିଯୁକ୍ତଙ୍କୁ କାବୁ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି।

# ନୈତିକ ଶିକ୍ଷା ଆଲୋଚନାଚକ୍ର



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ।

ଜୟପୁର,୮।୧୨(ଡି.ଏନ୍.ଏ.)

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଜୟପୁର ଶାଖା ପକ୍ଷରୁ ସହରର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟରେ ନୈତିକ ଶିକ୍ଷା ଓ ସକାରାତ୍ମକ ଚିନ୍ତନ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ରାଜସ୍ଥାନ ମାଉଣ୍ଟଆବୁ ବ୍ରହ୍ମାକୁମାର ଭଗବାନ ଭାଇ ଯୋଗଦେଇ କହିଥିଲେ, ଚରିତ୍ର ନିର୍ମାଣରେ ନୈତିକ ଶିକ୍ଷାର ଆବଶ୍ୟକତା ରହିଛି। ଆଧୁନିକ ଦେଶରେ ବଢୁଥିବା ଅନୀତିରେ ନାବାଳିକା, ନାବାଳକ, ଯୁବତୀ, ଯୁବକ ଅଧିକ ମାତ୍ରାରେ ସଂଶ୍ଳିଷ୍ଟ ରହୁଛନ୍ତି । ସକାରାତ୍ମକ ଚିନ୍ତାଧାରା ଓ ନୈତିକ ଶିକ୍ଷା ଦ୍ୱାରା ହିଁ ଦେଶର ଯୁବପିଢ଼ିକୁ ସଦ୍‌ବୁଦ୍ଧି ମିଳିପାରିବ। ଜୟପୁର ଶାଖା ପରିଚାଳିକା ବ୍ରହ୍ମକୁମାରୀ ଜୟନ୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଗତ ଶୁକ୍ରବାର ଓ ଶନିବାର ସହରର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜେସିଏନ୍ ସରକାରୀ ଉଚ୍ଚ ବିଦ୍ୟାଳୟ, ଗାୟତ୍ରୀ କଲେଜ, ସେଣ୍ଟ ଜାଭିୟର୍ସ ବିଦ୍ୟାଳୟରେ ଆୟୋଜିତ ହୋଇଥିଲା।

# ଗୋଟିଏ ଦିନରେ ୨ ଅପମୃତ୍ୟୁ ମାମଲା

ଜୟପୁର,୮।୧୨(ଡି.ଏନ୍.ଏ./ନି.ପ୍ର.)

ଜୟପୁର ଟାଉନ ଓ ସଦରଥାନାରେ ପୃଥକ୍ ଆତ୍ମହତ୍ୟା ମାମଲା ରୁଜୁ ହୋଇଛି। ଜୟପୁର ସହରର ଏନ୍.କେ.ଟି ରୋଡ୍ କେସିସି ବ୍ୟାଙ୍କ ପାର୍ଶ୍ୱରେ ଜି. ହରିପ୍ରସାଦଙ୍କ ପତ୍ନୀ ଜି. ସୌଜନ୍ୟାଲକ୍ଷ୍ମୀ (୩୫) ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଛନ୍ତି। ପାରିବାରିକ କଳହରୁ ସେ ଏପରି କରିଥିବା କୁହାଯାଉଥିବା ବେଳେ ତାଙ୍କ ବାପଘର ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରିବା ପରେ ବ୍ୟବଚ୍ଛେଦ କରାଇ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେହିପରି ସଦରଥାନା ରଣ୍ଡାପାଲୀରେ ସୁବାସ ଚନ୍ଦ୍ର ସାବତ (୫୨) ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ କିରାଣି ଦୋକାନ କରିବା ସହ ପୁତ୍ରା ସେବାଶ୍ରମରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ଋଣଗ୍ରସ୍ତ ଥିବା ଯୋଗୁ ସେ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ସଦର ପୋଲିସ ମୃତଦେହ ଜବତ କରିବା ପରେ ବ୍ୟବଚ୍ଛେଦ କରାଇଛି।

# ବିଶ୍ୱବିଦ୍ୟାଳୟ ଦାବି ପାଇଁ ଗଢ଼ାହେଲା ଆଲୁମିନି ସଂଘ

ଜୟପୁର,୮।୧୨(ଡି.ଏନ୍.ଏ.)



ଆଲୁମିନି ସଂଘର ସଦସ୍ୟମାନେ ଶପଥ ନେଉଛନ୍ତି।

ଜୟପୁରସ୍ଥିତ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ରଙ୍କୁ ନେଇ ରବିବାର ଆଲୁମିନି ସଂଘ ଗଠିତ ହୋଇଛି । ରବିବାର ସ୍ଥାନୀୟ ମହାବିଦ୍ୟାଳୟ ଛାତ୍ର କମନ୍ ରୁମ୍‌ରେ ଅନୁଷ୍ଠିତ ଏହାର ପ୍ରଥମ ବୈଠକରେ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରିବା ଦାବିକୁ ଜୋରଦାର କରିବା ପାଇଁ ନିଷ୍ପତ୍ତି ହୋଇଛି। ଏନେଇ ଉପଜିଲାପାଳ ଓ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯିବ। ସେହିପରି ମହାବିଦ୍ୟାଳୟର ଅନ୍ୟ ସମସ୍ୟା ସମାଧାନ ପାଇଁ ଏହାର ପ୍ରତିଷ୍ଠାତା ମହାରାଜା ବିକ୍ରମଦେବ ବର୍ମାଙ୍କ ପ୍ରତିମୂର୍ତ୍ତି ନିକଟରେ ସମସ୍ତ ସଦସ୍ୟ ଶପଥ ନେଇଥିଲେ। ପ୍ରତ୍ୟେକ ମାସରେ ସଂଘର ଦୁଇ ଥର ବୈଠକ କରାଯିବ। ରବିବାର ବୈଠକରେ ରାଜେନ୍ଦ୍ର ଗୌଡ଼, ଅନୁପ ପାତ୍ର, ନରେନ୍ଦ୍ର ମହାନ୍ତି, ଧର୍ମେନ୍ଦ୍ର ଅଧିକାରୀ, ରବୀନ୍ଦ୍ର ମହାପାତ୍ର, ଗୌତମ ସାମନ୍ତରାୟ, ସହଦେବ ପଟ୍ଟନାୟକ, ହରିଶ ମୁଦୁଲି, ସତ୍ୟବ୍ରତ ପାଢ଼ୀ, ନିଶାନ ପଟ୍ଟନାୟକ, ଶିଶୁ ରଞ୍ଜନ ପଣ୍ଡା, ସୁଧୀର ପାଢ଼ୀ, ପି. ସୁରେଶ, ସୁଧାଂଶୁ ପଟ୍ଟନାୟକ ଉପସ୍ଥିତ ଥିଲେ।

# 'ଫୁଲ ଫୁଟିବାର ବେଳ' ଉନ୍ମୋଚିତ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଜୟପୁର,୮।୧୨(ଡି.ଏନ୍.ଏ.)

ଜୟପୁରସ୍ଥିତ ସାରସ୍ୱତ ବାଳ ମନ୍ଦିର ବିଦ୍ୟାଳୟରେ ଆକାଶବାଣୀର ଅବସରପ୍ରାପ୍ତ ଉଦ୍‌ଘୋଷକ ଉଦୟଶଙ୍କର ଜାନୀଙ୍କ ଦ୍ୱାରା ରଚିତ ଗଳ୍ପ ପୁସ୍ତକ 'ଫୁଲ ଫୁଟିବାର ବେଳ' ଉନ୍ମୋଚିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସାହିତ୍ୟିକ ନଳିନୀ ରଞ୍ଜନ ମିଶ୍ର, ଗବେଷକ ସୁବାସ ଚନ୍ଦ୍ର ମିଶ୍ର, ଡ. ପ୍ରଦୀପ ମିଶ୍ର, ରବି ଶତପଥୀ ଅତିଥି ଭାବେ ଯୋଗଦେଇ ପୁସ୍ତକର ଶୁଭ ଉନ୍ମୋଚନ କରିଥିଲେ। ସାହିତ୍ୟିକ ଭାସ୍କର ସାମନ୍ତରାୟ ଏଥିରେ ସଭାପତିତ୍ୱ କରିଥିବା ବେଳେ ଅବସରପ୍ରାପ୍ତ ଅଧାପକ ପ୍ରେମାନନ୍ଦ ଦାଶ, ଶ୍ରୀନାଥ ମିଶ୍ର, ଲକ୍ଷ୍ମୀକାନ୍ତ ପାଢ଼ୀ, ଚକ୍ରପାଣି ପରିଛା, ଆଲୋକ ପଲେଇ, ସରସ୍ୱତୀ ସାହୁ, ରଘୁନାଥ ବିଶ୍ୱାଳ, ପତ୍ନୀ ଅନୁସୂୟା ଜାନୀ, କନ୍ୟା ପ୍ରୀତି ଜାନୀ ଉପସ୍ଥିତ ଥିଲେ। ଶେଷରେ ବୈରାଗୀ ସାହୁ ଧନ୍ୟବାଦ ଦେଇଥିଲେ।

# ବିଶିଷ୍ଟ ତବଲାବାଦକ ରାଧାକାନ୍ତଙ୍କୁ ଶ୍ରଦ୍ଧାଞ୍ଜଳି



କଳାକେନ୍ଦ୍ରର ଛାତ୍ରୀଛାତ୍ରମାନେ ସ୍ୱର୍ଗତ ରାଧାକାନ୍ତଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

ଜୟପୁର,୮।୧୨(ଡି.ଏନ୍.ଏ.):

କୋରାପୁଟ ଜିଲା ଜୟପୁର କଳାକେନ୍ଦ୍ର ପ୍ରତିଷ୍ଠାନ ପକ୍ଷରୁ ରାଜ୍ୟର ବିଶିଷ୍ଟ ତବଲାବାଦକ ରାଧାକାନ୍ତ ନନ୍ଦ (ହରି ଭାଇ)ଙ୍କ ପରଲୋକକୁ ନେଇ ରବିବାର ପ୍ରଶିକ୍ଷଣ କେନ୍ଦ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । କଳାକେନ୍ଦ୍ରର ମୁଖ୍ୟ ଗୁରୁ କାହ୍ନୁଚରଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାକେନ୍ଦ୍ରର ଛାତ୍ରୀଛାତ୍ରମାନେ ପୁଷ୍ପ ପ୍ରଦାନ ଏବଂ ନିରବ ପ୍ରାର୍ଥନା କରିଥିଲେ। ସେହିପରି କଳାକେନ୍ଦ୍ର ଦ୍ୱାରା ନିର୍ମାଣ ହୋଇଥିବା ବିଭିନ୍ନ ଭଜନ, ଅନ୍ୟ ଅଡିଓ ଓ ଭିଡିଓ କ୍ୟାସେଟ ତବଲା ବାଦକ ରାଧାକାନ୍ତ ସଂଗୀତ ପରିଚାଳନା କରିଥିଲେ। ଏହି ଅବସରରେ କେନ୍ଦ୍ର ସଭାପତି ପରେଶ ରଥ, ସଂପାଦକ ଡ. ସୁରେଶ ଦାଶ, ଶ୍ରୀନାଥ ମିଶ୍ର, ସୀତାକାନ୍ତ ପ୍ରଧାନ, ପ୍ରଶିକ୍ଷିକା ସୁଭଦ୍ରା ପ୍ରଧାନ ଉପସ୍ଥିତ ଥିଲେ।

# ରକ୍ତଦାନ ପାଇଁ ସଚେତନ କରିବାକୁ ସାଇକେଲରେ ଭାରତ ଯାତ୍ରା

କୋରାପୁଟ/ବୋରିଗୁମ୍ମା, ୮।୧୨(ସ୍ୱ.ପ୍ର./ଡି.ଏନ୍.ଏ.)

ରକ୍ତଦାନ ଏକ ମହତ ଦାନ। ରକ୍ତ ବିନା କାହାର ଯେମିତି ଜୀବନ ନ ଯାଏ, ଏଭଳି ବାର୍ତ୍ତା ନେଇ ସାଇକେଲରେ ଭାରତ ଭ୍ରମଣରେ ବାହାରିଛନ୍ତି ୫୦ ବର୍ଷୀୟ ଜୟଦେବ ରାଉତ। ରବିବାର ଅପରାହ୍ନରେ କୋରାପୁଟ ପ୍ରେସ କ୍ଲବ୍‌ରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରେସକ୍ଲବ ସଭାପତି ଭବାନି ଶଙ୍କର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋପବନ୍ଧୁ ସେବା ସମିତି ଓ କ୍ଲବର ବହୁ ସଦସ୍ୟ ଉପସ୍ଥିତ ଥିଲେ। ଜୟଦେବ ଫେଡେରେଶନ ଅଫ ବ୍ଲଡ ଡୋନର୍ସ ଅର୍ଗାନାଇଜେସନ୍ସ ଅଫ ଇଣ୍ଡିଆର ବ୍ରାଣ୍ଡ ଆମ୍ବାସାଡର ରହିଛନ୍ତି। ରକ୍ତଦାନ ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଚାକିରିରୁ ଛୁଟି ନେଇ ଗତ ନଭେମ୍ବର ୭ରୁ ସେ କୋଲକାତାରୁ ଯାତ୍ରା ଆରମ୍ଭ କରିଥିଲେ। ପଶ୍ଚିମବଙ୍ଗ, ଛତିଶଗଡ଼ ଏବଂ ଓଡ଼ିଶାର ବିଭିନ୍ନ ସ୍ଥାନ ପରିଦର୍ଶନ କରି ସେ ରବିବାର କୋରାପୁଟରେ ପହଞ୍ଚିଥିଲେ। ଆଗାମୀ ଦିନରେ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କନ୍ୟାକୁମାରୀ ପର୍ଯ୍ୟନ୍ତ ପ୍ରାୟ ୯ ହଜାର କିମି ସାଇକେଲ ଯାତ୍ରା ତାଙ୍କର ଲକ୍ଷ୍ୟ ରହିଥିବା ସେ କହିଛନ୍ତି। ଶନିବାର ତାଙ୍କୁ ବୋରିଗୁମ୍ମାରେ ମଧ୍ୟ ସମ୍ବର୍ଦ୍ଧନା ମିଳିଥିଲା। ଥାନାରେ ଆଇଆଇସି ସଞ୍ଜୟ ମଣ୍ଡଳ ଓ ଭୈରବ ଜୁନିୟର ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହି ସମୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦାଶରଥି ଗୌଡ଼, ଯୁବ ରେଡ୍‌କ୍ରଶ ସଂଯୋଜକ ପଦ୍ମଭୂଷଣ ଦାସ, ଅଧ୍ୟାପକ ସୁଧାଂଶୁ ଶେଖର ପଟ୍ଟନାୟକ, ଅଶୋକ ପଣ୍ଡା, ଅଟଳ ବିହାରୀ ବାଜପେୟୀ, ସୁମନ୍ତ ସାହୁ ଉପସ୍ଥିତ ଥିଲେ।

**ଜୟଦେବଙ୍କୁ କୋରାପୁଟ, ବୋରିଗୁମ୍ମାରେ ସମ୍ବର୍ଦ୍ଧନା**



କୋରାପୁଟରେ ଜୟଦେବଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ସୋମବାର, ଡିସେମ୍ବର ୯/୨୦୧୯ Berhampur, Monday, December 9/ 2019







■ ଛତ୍ରପୁର ପରିବା ମାର୍କେଟରେ ମଧ୍ୟସ୍ଥ ସକ୍ରିୟ

# ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଉପଜିଲାପାଳଙ୍କ ନିର୍ଦ୍ଦେଶ

■ ଚାଷୀ, ଗ୍ରାହକ ଶୋଷିତ

■ ରାସ୍ତା ଉପରୁ ଜବରଦଖଲ ଉଚ୍ଛେଦ ହେବ

ଛତ୍ରପୁର,୮।୧୨(ଡି.ଏନ.ଏ)

ଗଞ୍ଜାମ ଜିଲା ଛତ୍ରପୁର ଏନ୍‌ଏସିରେ ଥିବା ପରିବା ମାର୍କେଟରେ ମଧ୍ୟସ୍ଥିମାନେ ସକ୍ରିୟ ହୋଇଉଠିଛନ୍ତି। ଫଳରେ ଛତ୍ରପୁର ଓ ଗଞ୍ଜାମ ବ୍ଲକର ବିଭିନ୍ନ ଗାଁରୁ ପନିପରିବା ନେଇ ବିକ୍ରି କରିବାକୁ ଆସୁଥିବା ଚାଷୀମାନଙ୍କୁ ଉକ୍ତ ମଧ୍ୟସ୍ଥି ମାନେ ଶୋଷଣ କରୁଛନ୍ତି। ସେମାନଙ୍କ ଠାରୁ କମ୍ ଦରରେ ପନିପରିବା ଜୋରଜବରଦସ୍ତ କିଣିନେଉଛନ୍ତି। ଏପରିକି ଚାଷୀମାନଙ୍କୁ ଏଠାରେ ପନିପରିବା ବିକ୍ରି କରିବା ପାଇଁ ମଧ୍ୟସ୍ଥି ମାନେ ସୁଯୋଗ ଦେଉନାହାନ୍ତି। ପରେ ଏହି ମଧ୍ୟସ୍ଥିମାନେ କିଛି ଅସାଧୁ ବ୍ୟବସାୟୀଙ୍କ ସହ ମିଶି ଛତ୍ରପୁରରେ ପନିପରିବା ଚଢା ଦରରେ ବିକ୍ରି କରୁଛନ୍ତି। ଏହାଫଳରେ ଛତ୍ରପୁର ଜନସାଧାରଣ ଚଢା ଦରରେ ପନିପରିବା କିଣିବାକୁ ବାଧ ହେଉଛନ୍ତି। ଏନେଇ ବହୁବାର ଜନସାଧାରଣଙ୍କ ପକ୍ଷରୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ଏପରିକି ଏନ୍‌ଏସି, ତହସିଲ ଓ ଥାନା କର୍ତ୍ତୃପକ୍ଷ ମିଳିତ ଭାବେ ପନିପରିବା ମାର୍କେଟକୁ ପୂର୍ବାହ୍ନରେ ଆସି ଏହା ଦେଖିଛନ୍ତି। ଏଥିସହ ଉକ୍ତ ବ୍ୟବସାୟୀମାନଙ୍କୁ ତାଗିଦ୍ ମଧ କରାଯାଇଛି। ମାତ୍ର କିଛି ଦିନ ଏହା ବନ୍ଦ ରହିବା ପରେ ପୁଣି ଆରମ୍ଭ ହେଉଛି। ଏପରିକି ଛତ୍ରପୁର ପନିପରିବା ମାର୍କେଟରେ ବିକ୍ରି ନକରି ଲୋୟର ବସଷ୍ଟାଣ୍ଡଠାରୁ ଆରମ୍ଭ କରି ବାଳିକା ହାଇସ୍କୁଲ ରାସ୍ତାର ଦୁଇ ପାର୍ଶ୍ୱରେ ବିକ୍ରି କରାଯାଉଛି। ଗୋଟିଏ ପାର୍ଶ୍ୱରେ ପନିପରିବା ବିକ୍ରି ପାଇଁ ଏନ୍‌ଏସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ କେହି ମାନୁ ନ ଥିବା ଦେଖିବାକୁ ମିଳିଛି। ଏଥିସହ ପନିପରିବା ମାର୍କେଟ ଭିତରେ ଥିବା ଦୋକାନୀମାନେ ମଧ ରାସ୍ତା ଉପରେ ପନିପରିବା ବିକ୍ରି କରୁଛନ୍ତି। ଏମାନଙ୍କୁ ପରିବା ମାର୍କେଟ ଭିତରେ ବିକ୍ରି କରିବାକୁ ଏନ୍‌ଏସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଏମାନେ ମଧ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକୁ ମାନିବାକୁ ରାଜି ହେଉନାହାନ୍ତି। ଏହିସବୁ କାରଣରୁ ଉକ୍ତ ରାସ୍ତାରେ ସର୍ବଦା ଟ୍ରାଫିକ୍ ସମସ୍ୟା ବିପର୍ଯ୍ୟସ୍ତ ହୋଇପଡୁଛି। ଏଠାକୁ ପନିପରିବା ଓ ମାଛ କିଣିବାକୁ ଆସୁଥିବା ଜନସାଧାରଣଙ୍କ ଗାଡି ପାର୍କିଂ ପାଇଁ ଅସୁବିଧା ହେଉଛି। ଏ ସମ୍ପର୍କରେ ଛତ୍ରପୁର ଉପଖଣ୍ଡ ସଡକ ସୁରକ୍ଷା କମିଟି ବୈଠକରେ ଆଲୋଚନା ହୋଇଥିଲା। ଟ୍ରାଫିକ୍ ସମସ୍ୟା ସୁଧାରିବା, ମଧ୍ୟସ୍ଥିଙ୍କୁ ଚିହ୍ନଟ କରିବା, ଚାଷୀମାନଙ୍କ ସ୍ୱାର୍ଥକୁ ସାଧିତ କରିବା ଆଦି ନେଇ ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ୪ ତାରିଖରେ ଏକ ନିର୍ଦ୍ଦେଶନାମା (ନଂ-୧୧୬୨୩) ଜାରି କରିଛନ୍ତି। ଉକ୍ତ ନିର୍ଦ୍ଦେଶନାମା ଛତ୍ରପୁର ତହସିଲଦାର, ଏନ୍‌ଏସି ନିର୍ବାହୀ ଅଧିକାରୀ ଓ ଥାନା ଆଇଆଇସିଙ୍କୁ ଆସିଛି। ପନିପରିବା ମାର୍କେଟରେ ଦର କିଭଳି ନିୟନ୍ତ୍ରଣ ରହିବ ଏବଂ ଚାଷୀମାନେ ଲାଭବାନ୍ ହେବେ ସେ ଉପରେ ଉପଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ମଧ୍ୟସ୍ଥି ମାନଙ୍କୁ ଚିହ୍ନଟ କରି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଛତ୍ରପୁର ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ଛତ୍ରପୁର ଉପଜିଲପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମଧ୍ୟସ୍ଥିଙ୍କୁ ହଟାଇବା ସହ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଦର ନିୟନ୍ତ୍ରଣ ପାଇଁ ଏକ ମାର୍କେଟ କମିଟି ଗଠନ କରିବାକୁ କୁହାଯାଇଛି। ଉକ୍ତ ନିର୍ଦ୍ଦେଶନାମାରୁ ଆହୁରି ଜଣାଯାଇଛି ଯେ ପନିପରିବା ଓ ମାଛ ମାର୍କେଟ ଏବଂ ସରକାରୀ ବାଳିକା ହାଇସ୍କୁଲ ସମ୍ମୁଖ ମୁଖ୍ୟ ରାସ୍ତାରୁ ଜବରଦଖଲ ଉଚ୍ଛେଦ ହଟାଇବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଛତ୍ରପୁର ତହସିଲଦାର, ଏନ୍‌ଏସି ନିର୍ବାହୀ ଅଧିକାରୀ ଓ ଥାନା ଆଇଆଇସି ମିଳିତ ଭାବେ ଟ୍ରାଫିକ୍ ବ୍ୟବସ୍ଥା ସୁଧାରିବାକୁ ଜବରଦଖଲ ହଟାଇବେ। ଏହାକୁ ଗୁରୁତର ସହ ନେଇ ମିଳିତ ଭାବେ ପ୍ଲାନ୍ ପ୍ରସ୍ତୁତ କରିବା ସହ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଛତ୍ରପୁର ଉପଖଣ୍ଡ ସଡକ ସୁରକ୍ଷା କମିଟିର ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାଉପରେ କାର୍ଯ୍ୟାନୁଷ୍ଠାନ ନେଇ ରିପୋର୍ଟ ଦେବାକୁ କୁହାଯାଇଛି।

## ମହିଳାଙ୍କ ଆତ୍ମହତ୍ୟା

ଗଞ୍ଜାମ,୮।୧୨(ଡି.ଏନ.ଏ.)

ରମ୍ଭା ଥାନା ପ୍ରୟାଗୀ ଗ୍ରାମରେ ଶନିବାର ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସମୀର ଗୌଡ଼ଙ୍କ ସ୍ତ୍ରୀ ସରିତା (୨୨)। ରମ୍ଭା ପୋଲିସ ନଂ. ୨୮୪/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଛତ୍ରପୁର ମେଡିକାଲ ପଠାଇଛି। ମୃତ୍ୟୁର କାରଣ ଜଣା ପଡି ନ ଥିବାବେଳେ ସମୀରଙ୍କୁ ପୋଲିସ ଅଟକ ରଖିଛି। ୨ ବର୍ଷ ତଳେ ସମୀର ପୁରୀ ଜିଲା ପାଇକରାପୁରର ଗୋଲକ ଦଳାଇଙ୍କ ଝିଅ ସରିତାଙ୍କୁ ଘରକୁ ନେଇ ଆସିଥିଲେ। ପରେ ଘର ଲୋକେ ସେମାନଙ୍କ ମନ୍ଦିରରେ ବିବାହ ସମ୍ପନ୍ନ କରାଇଥିଲେ।

## ୪ଶହ ଲିଟର ରନ୍ଧାମଦ ଜବତ, ୭ ଗିରଫ

ଧରାକୋଟ,୮।୧୨(ଡି.ଏନ.ଏ.)



ଗିରଫ ଅଭିଯୁକ୍ତମାନେ।

ଧରାକୋଟ ଥାନା ଗମୋହନ ପଞ୍ଚାୟତ ଚମ୍ପାପଲ୍ଲୀ ଗ୍ରାମରେ ପୋଲିସ ଶନିବାର ସକାଳୁ ଚଢ଼ାଉ କରି ୪ ଶହ ଲିଟର ଦେଶୀ ରନ୍ଧାମଦ ଜବତ କରିବା ସହ ୭ଜଣଙ୍କୁ ଗିରଫ କରିଛି। ଏଥିସହ ୮ ହଜାର ଲିଟର ପୋଚ ନଷ୍ଟ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚମ୍ପାପଲ୍ଲୀ ଗ୍ରାମର ହୃଷିକେଶ ନାଇକ, ଦିବାକର ନାଇକ, ସୁନୀଲ ନାଇକ, ନାରାୟଣ ନାଇକ, ଚକା ନୟନ ନାଇକ, ଚନ୍ଦନ ନାଇକ, ସନ୍ତୋଷ ନାଇକ। ନଂ.୧୮୦, ୧୮୧, ୧୮୨, ୧୮୩, ୧୮୪, ୧୮୫, ୧୮୬/୨୦୧୯ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଶନିବାର ଭୋରରେ ଚମ୍ପାପଲ୍ଲୀ ଗ୍ରାମ ତଥା ଏହାର ଆଖପାଖ ଅଞ୍ଚଳରେ ମଦ ରନ୍ଧା ଯାଉଥିବାବେଳେ ସୂଚନା ପାଇ ଧରାକୋଟ ଥାନାଧିକାରୀ ସହଦେବ ମହାପାତ୍ର ସଦଳବଳ ଚଢ଼ାଉ କରିଥିଲେ।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ